ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.216 Bhubaneswar Wednesday October 04 2023 ୨୬ତମ ବର୍ଷ ସଂଖ୍ୟା-୨୧୬ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୦୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ପିଏମ୍ ଆବାସ: ପୁଳାପୁଳା କେଳେଙ୍କାରୀ ଧରିଲେ ସିଏଜି, ୫.୨୭ଲକ୍ଷ ଘର ଫେରିଗଲା, ଘର ପାଇବାରୁ ୧୨.୨୫ଲକ୍ଷ ଯୋଗ୍ୟ ହିତାଧିକାରୀ ବଞ୍ଚିତ

ଭୁବନେଶ୍ୱର,୩।୧୦(ପି.ଏନ): କିଏ ଦୋକାନ ଘର ତିଆରି କରିଛି ତ କିଏ ରାଜପ୍ରସାଦ ଭଳି ଘର ଆଉ କିଏ ବିଲକୁଲ୍ ଘର ନକରି ବି ଘରବାବଦ ସମ୍ପୂର୍ଣ୍ଣ ଟଙ୍କା ନେଇଛି । କେଉଁଠି ଗ୍ରାମସଭାରେ ଅନୁମୋଦନ ହୋଇଥିବା ଯୋଗ୍ୟ ହିତାଧିକାରୀ ତାଲିକାକୁ ବ୍ଲକ କର୍ତ୍ତୃପକ୍ଷ ନମାନି ଅଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ସାମିଲ କରିଛନ୍ତି ତ କେଉଁଠି ବିଲକୁଲ୍ ପ୍ରାଥମିକ ତାଲିକାରେ ନଥାଇ ବି ଘର ଆବଂଟନ ହୋଇଛି । ଆଉ କେଉଁଠି ରାଜ୍ୟ ସରକାର ନିଜ ହାତପାଣ୍ଠି ଖର୍ଚ୍ଚ ପାଇଁ ଏହି ଘରବାବଦରେ ଆସୁଥିବା ଟଙ୍କାକୁ ଘରୋଇ ବ୍ୟାଙ୍କରେ ରଖି ନିଜ ଖର୍ଚ୍ଚପାଣି ଉଠାଇଛନ୍ତି ତ କେଉଁଠି ନିଜର ରାଜନୀତିକ ବ୍ରାଣ୍ଡିଂ ପାଇଁ ଗୋଟିଏ ଲେଖାଏଁ ଲୋଗୋ ତିଆରି କରିବାକୁ ୫୮୪ଟଙ୍କା ଖର୍ଚ୍ଚ କରିବାକୁ ପଛାଇ ନାହାନ୍ତି । ଆଉ ରାଜ୍ୟ ସରକାରଙ୍କ ଏଭଳି ଦୁର୍ନୀତି ଓ ଅନିୟମିତତା ସହ ବ୍ୟାପକ କେଳେଙ୍କାରୀ ଯୋଗୁ ବାରମ୍ବାର ସମୟସୀମା ବୃଦ୍ଧି ସତ୍ତ୍ୱେ ୧୨.୨୫ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କଲେନି । ଏପରିକି ମଞ୍ଜୁର ହୋଇଥିବା ୫.୨୭ଲକ୍ଷ ଘର ବି ଫେରସ୍ତ ଚାଲିଗଲା । ଗରିବ ଲୋକଙ୍କ ମୁଣ୍ଡରେ ଛାତଟିଏ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଆବାସ)ର ଏ ହେଉଛି ବିକଟାଳ ଚିତ୍ର ।



ପିଏଆବାସ ଯୋଜନାରେ ରାଜ୍ୟ ସରକାର କିଛି ବି ନିୟମକାନୁନ ମାନିନାହାନ୍ତି । ମନଇଚ୍ଛା ପାଣି ଖର୍ଚ୍ଚଠୁ ଆରମ୍ଭ କରି ଘର ଆବଂଟନ ସବୁଥିରେ ଅନିୟମିତତା ହୋଇଥିବା ଜଣାପଡିଛି । ଆଜି ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଏସବୁର ଗୁମର ଖୋଲିଛନ୍ତି । ଆଜି ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସାଧାରଣ ଓ ସାମାଜିକ କ୍ଷେତ୍ର ଉପରେ ୩ଟି ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି । ୨୦୨୧ ମାର୍ଚ୍ଚ ଶେଷସୁଦ୍ଧା ସ୍ୱାୟତ୍ତ ସଂସ୍ଥାଗୁଡିକ (ପଂଚାୟତିରାଜ ଓ ସହରାଂଚଳ ସ୍ଥାନୀୟ ସଂସ୍ଥା)ଗୁଡିକ ଉପରେ ଆଧାରିତ ସିଏଜି ରିପୋର୍ଟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପିଏମଆବାସ ଯୋଜନାର ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ଦର୍ଶାଇଛନ୍ତି । ସିଏଜି କହିଛନ୍ତି ଯେ, ଯେଉଁମାନେ ଜରାଜୀର୍ଣ୍ଣ ଓ କଚ୍ଚା ଘରେ ରହୁଛନ୍ତି ସେମାନଙ୍କୁ ୨୦୨୨ ମସିହା ସୁଦ୍ଧା ମୌଳିକ ସୁବିଧା ସହ ବାସଘର ଦେବା ଉଦ୍ଦେଶ୍ୟରେ ୨୦୧୬ ଏପ୍ରିଲ ପହିଲାରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି । ୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ଏହି ପିଏମଆବାସ ଯୋଜନାର କାର୍ଯ୍ୟକାରିତାର ଅଡିଟ୍ ୮ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଳାହାଣ୍ଡି, ମୟୂରଭଞ୍ଜ, ନୂଆପଡା ଓ ସୋନପୁରରେ ସିଏଜି କରିଥିଲେ । ପ୍ରତି ଜିଲ୍ଲା ଓ ପଂଚାୟତ ସମିତି(ବ୍ଲକ)ରୁ ୩ଟି ଲେଖାଏଁ ଗ୍ରାମପଂଚାୟତରେ ଏହି ଅଡିଟ୍ ହୋଇଥିଲା । ଅଡଟ୍ରୁ ଜଣାପଡିଲା ଯେ, ଏହି ପିଏମଆବାସ ଯୋଜନାର ହିତାଧିକାରୀ ଚୟନ ନିମନ୍ତେ କେନ୍ଦ୍ର ସରକାର ସାମାଜିକ ଆର୍ଥିକ ଓ ଜାତି ଜନଗଣନା(ଏସଇସିସି-୨୦୧୧ ତାଲିକା)ର ତଥ୍ୟ ଓ ଗ୍ରାମସଭାରେ ସ୍ଥାୟୀ ୱେଟିଂ ଲିଷ୍ଟର ଚୂଡାନ୍ତ ସହିତ ଯୋଗ୍ୟ ହିତାଧିକାରୀମାନଙ୍କ ଚିହ୍ନଟ କରିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ । ତେବେ ଗ୍ରାମସଭା ଦ୍ୱାରା ଚିହ୍ନଟ ହୋଇଥିବା ୮.୫୯ଲକ୍ଷ ହିତାଧିକାରୀଙ୍କୁ ଅନିୟମିତ ଭାବେ ରାଜ୍ୟ ସରକାର ସ୍ଥାୟୀ ୱେଟିଂ ଲିଷ୍ଟରୁ ବାଦ୍ ଦେଲେ ଓ ସେମାନେ ଯୋଜନାରୁ ବଂଚିତ ହେଲେ । ସେହିପରି ସ୍ଥାୟୀ ୱେଟିଂ ଲିଷ୍ଟକୁ ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ସରକାର ଚୂଡାନ୍ତ ନକରିବାରୁ ମଞ୍ଜୁରୀପ୍ରାପ୍ତ ୫.୨୭ଲକ୍ଷ ଘରକୁ ରାଜ୍ୟ ସରକାର ବାଧ ହୋଇ ଫେରସ୍ତ କରିଥିଲେ । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତ ସମୟସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ରାଜ୍ୟ ବିଫଳ ହେବାରୁ ୧୨.୨୫ଲକ୍ଷ ହିତାଧିକାରୀ ସ୍ଥାୟୀ ୱେଟିଂ ଲିଷ୍ଟରେ ସାମିଲ ହୋଇପାରିଲେ ନାହିଁ ଓ ଯୋଜନାରୁ ବଂଚିତ ହେଲେ । ପିଏମଆବାସ ଯୋଜନା ପାଇଁ ଉଦ୍ଦିଷ୍ଟ ମାନଦଣ୍ଡକୁ ଉଲ୍ଲଙ୍ଘନ କରି ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଆବଂଟନ ହୋଇଛି । ଯଦିଓ ଗ୍ରାମସଭା ୨୭.୪୫ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିଥିଲା କିନ୍ତୁ ରାଜ୍ୟ ସ୍ଥାୟୀ ୱେଟିଂ ଲିଷ୍ଟରେ ୨୦୨୧ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ୧୮.୮୬ଲକ୍ଷ ହିତାଧିକାରୀ ଥିଲେ, ତେଣୁ ୮.୫୯ଲକ୍ଷ ହିତାଧିକାରୀ ବାଦ୍ ପଡିଲେ । ଏହି ହିତାଧିକାରୀଙ୍କୁ ସାମିଲ ପାଇଁ କେନ୍ଦ୍ର ସରକାର ୪ଥର ଆବାସ ଯୋଜନାର ୱିଣ୍ଡୋ ଖୋଲିବା ସତ୍ତ୍ୱେ ରାଜ୍ୟ ସରକାର ଏହି ହିତାଧିକାରୀମାନଙ୍କୁ ସେଥିରେ ସାମିଲ କରିବାରେ ବିଫଳ ହୋଇଥିଲେ । ଅଡିଟରୁ ଜଣାପଡିଲା ଯେ ପଂଚାୟତସ୍ତରରେ ଅନୁସୂଚିତ ଜାତି,ଜନଜାତି ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ବର୍ଗଙ୍କୁ ଗୁରୁତ୍ୱ ଦେଇ ପ୍ରାଥମିକତା ତାଲିକା ପ୍ରସ୍ତୁତ ହୋଇନଥିଲା ।

## ଦିନକ ଆଗରୁ ସରିଲା ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୩।୧୦(ପି.ଏନ):ଧାର୍ଯ୍ୟ କାର୍ଯ୍ୟସୂଚୀର ଦିନକ ପୂର୍ବରୁ ଶେଷ ହୋଇଛି ବିଧାନସଭାର ମୌସୁମୀ ଅଧିବେଶନ। ଗତ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ ଅକ୍ଟୋବର ୪ ତାରିଖରେ ଶେଷ ହେବାର ଥିଲା। ଏହାର ଦିନକ ପୂର୍ବରୁ ଅର୍ଥାତ ମଙ୍ଗଳବାର ବାଚସ୍ପତି ଗୃହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି। ବିଧାନସଭା ଇତିହାସରେ ପ୍ରଥମ କରି ଜଣେ ମହିଳା ବାଚସ୍ପତି ଭାବେ ଶ୍ରୀମତୀ ପ୍ରମିଳା ମଲ୍ଲିକ ଗୃହ ପରିଚାଳନା କରିଥିଲେ। ସୂଚନା ଅନୁଯାୟୀ ଅଧିବେଶନରେ ୭ଟି କାର୍ଯ୍ୟ ଦିବସ ମଧ୍ୟରୁ ୪ ଟି ସରକାରୀ ଦିବସ ରହିଥିଲା। ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଧିବେଶନରେ ମୋଟ ୭୭୦ ଟି ତାରକା ଚିହ୍ନିତ ପ୍ରଶ୍ନ ଓ ୧୦୬୯ଟି ଅଣତାରକା ଚିହ୍ନିତ ପ୍ରଶ୍ନ ନୋଟିସ୍ ଗ୍ରହଣ ହୋଇଥିବା ବେଳେ ମାତ୍ର ୮ଟି ତାରକା ଚିହ୍ନିତ ପ୍ରଶ୍ନ ଆଲୋଚନା ହୋଇଥିଲା। ସେହିପରି ୩୮ଟି କାଗଜ, ୭୮ଟି ବାର୍ଷିକ ରିପୋର୍ଟ , ୫ଟି କମିଟି ରିପୋର୍ଟ , ୩ଟି ଅଧ୍ୟାଦେଶ, ୪ ଟି ବିବୃତି, ୧୦ଟି ସରକାରୀ ବିଧେୟକ ଉପସ୍ଥାପନ କରାଯାଇଥିଲା। ଏହାସହ ୩ ଟି ସିଏଜି ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଥିଲା। ଚଳିତ ବିଧାନସଭା ଅଧିବେଶନ ସ୍ୱଳ୍ପକାଳୀନ ହୋଇଥିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ୨୮,୨୦୦ କୋଟି ୨୫ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିଥିଲେ। ୪ ଟି ବିଭାଗର ଖର୍ଚ୍ଚଦାବି ବିଧିବଦ୍ଧ ଭାବେ ଆଲୋଚନା ହୋଇ ଗୃହିତ ହୋଇଥିବା ବେଳେ ବିଧାନସଭା ସମେତ ୪୦ଟି ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ଦ୍ୱାରା ଗୃହିତ ହୋଇଥିଲା। ଅଧିବେଶନ କାଳରେ 'ମୁଖ୍ୟମନ୍ତ୍ରୀ ବଡ ନା ସଚିବ ବଡ' , ୫-ଟି ସଚିବଙ୍କ ହେଲିକାପ୍ଟର ଗସ୍ତ ,ଶିକ୍ଷକଙ୍କ ଧାରଣା ଆଦି ପ୍ରସଙ୍ଗରେ ଗୃହରେ ବିରୋଧୀମାନେ ତୁମ୍ବିତୋଫାନ କରିଥିଲେ। ବିରୋଧୀଙ୍କ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ଓ ପ୍ରଶ୍ନ ଗ୍ରହଣ କରାନଯିବାକୁ ନେଇ ବିରୋଧୀ ଗୃହକୁ ଅଚଳ କରିଥିଲେ। ଅଚଳାବସ୍ଥାକୁ ଦୂର କରିବା ପାଇଁ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ କରୁଥିବାର ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଧାନର ଏମଏସପି ବୃଦ୍ଧି ପ୍ରସଙ୍ଗ ଉଠାଯାଇଥିଲା। ସେହିପରି ବିଜେପି ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ବିଧାୟକ ମୁକେଶ ମହାଲିଙ୍ଗ ବାଚସ୍ପତିଙ୍କ ପୋଡିୟମ୍ କୁ ଡାଲି ଫିଙ୍ଗି ନିଲମ୍ବିତ ହୋଇଥିଲେ।ଏହି ନିଲମ୍ବନକୁ ପ୍ରତ୍ୟାହାର କରିବାକୁ ଦାବି କରି ମଧ୍ୟ ବିରୋଧୀ ଦଳ ହଟ୍ଟଗୋଳ କରିଥିଲେ। ସେହିପରି ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବାଚସ୍ପତି ନିରପେକ୍ଷ ନୁହନ୍ତି ବୋଲି ବାରମ୍ବାର ଅଭିଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ବଡ ବୟାନ: ଏନଡିଏରେ ମିଶିବାକୁ ଚାହୁଁଥିଲେ କେସିଆର



ନୂଆଦିଲ୍ଲୀ,୩।୧୦(ପି.ଏନ): ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ(କେସିଆର) ୨୦୨୦ ହାଇଦ୍ରାବାଦ ପୌରପାଳିକା ନିର୍ବାଚନ ପରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ମିଶିବାକୁ ଚାହୁଁଥିଲେ। କିନ୍ତୁ କେସିଆର କରିଥିବା କର୍ମ ପାଇଁ ସେ ତାଙ୍କ ସହ ହାତ ମିଳାଇବାକୁ ମନା କରି ଦେଇଥିଲେ ବୋଲି ଆଜି ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେବେ ମୋଦିଙ୍କ ଏପରି ଦାବିକୁ କେସିଆରଙ୍କ ଭାରତ ରାଷ୍ଟ୍ର ସମିତି(ବିଆରଏସ୍) ଖଣ୍ଡନ କରିଛି। ଏହା ଡାହା ମିଛ ବୋଲି ଦଳ ପକ୍ଷରୁ କୁହାଯାଇଛି।ଚଳିତ ବର୍ଷ ଶେଷ ଭାଗରେ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ରାଜ୍ୟରେ ଆଜି ବିଜେପି ପକ୍ଷରୁ ଗୋଟିଏ ସଭାର ଆୟୋଜନ କରାଯାଇଥିଲା। ଏହି ସଭାକୁ ସମ୍ବୋଧନ କରି ମୋଦି କହିଛନ୍ତି, "ହାଇଦ୍ରାବାଦ ପୌରପାଳିକା ନିର୍ବାଚନରେ ବିଜେପି ୪୮ଟି ଆସନ ଜିତିଥିଲା। ଏହି ସମୟରେ କେସିଆର ବିଜେପିର ସମର୍ଥନ ଚାହିଁଥିଲେ।

### ୨୮,୨୦୦ କୋଟି ଟଙ୍କାର ବିନିଯୋଗ ବିଲ୍ ପାରିତ

ଭୁବନେଶ୍ୱର,୩।୧୦(ପି.ଏନ): ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ଆଗତ କରିଥିବା ୨୮,୨୦୦ କୋଟି ୨୫ ହଜାର ଟଙ୍କାର ବିନିଯୋଗ ବିଲ୍ (ନଂ ୨) ମଙ୍ଗଳବାର ପାରିତ ହୋଇଛି। ବିଲ୍ ଆଲୋଚନା କାଳରେ ବିଜେପି ସଭ୍ୟମାନେ ଉପସ୍ଥିତ ଥିଲେ ହେଁ ସ୍ୱସ୍ତିବଚନ ବେଳେ କକ୍ଷତ୍ୟାଗ କରିଥିଲେ। ଏହା ବ୍ୟତୀତ ଅର୍ଥମନ୍ତ୍ରୀ ମାର୍ଚ୍ଚ ୨୦୨୨ ଶେଷ ସୁଦ୍ଧା ଓଡିଶା ସରକାରଙ୍କ ରାଜ୍ୟ ଆର୍ଥିକ ସ୍ଥିତି , ରାଜ୍ୟର ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରବର୍ତୀ ବୃତି ପ୍ରଦାନ ପାଇଁ ପ୍ରତ୍ୟେକ୍ଷ ସୁବିଧା , ଅନ୍ତରଣର କାର୍ଯ୍ୟାନ୍ୱୟନ ଏବଂ ରାଜ୍ୟ ସ୍ଥାନୀୟ ନିକାୟ ଗୁଡିକ ଉପରେ ମହା ସମୀକ୍ଷକଙ୍କ ସମ୍ପାଦନା ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଶ୍ରୀ ଆରୁଖ ବଜେଟ୍ ଆଲୋଚନାର ଉତର ଦେବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଗୃହର କାର୍ଯ୍ୟକାଳକୁ ହ୍ରାସ କରିବା ନେଇ ଏକ ମୋସନ ଆଣିଥିଲେ। ତାହା ମୌଖିକ ଭୋଟ୍ ରେ ଗୃହିତ ହୋଇଥିଲା। ଏହା ଗୃହିତ ହେବା ପରେ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ୬ ଟା ୫୩ ମିନିଟ୍ ରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ନେପାଳରେ ଭୂକମ୍ପ, ପୂର୍ବାନୁମାନ କରିଥିଲେ ଡଚ୍ ବୈଜ୍ଞାନିକ !



ନୂଆଦିଲ୍ଲୀ,୩।୧୦(ପି.ଏନ): ସତ ହେଉଛି ଭୂକମ୍ପକୁ ନେଇ ଡଚ୍ ଅନୁସନ୍ଧାନକାରୀଙ୍କ ଆକଳନ। ନେଦରଲାଣ୍ଡର ଅନୁସନ୍ଧାନକାରୀ ଫ୍ରାଙ୍କ୍ ହୁଗରବିଟ୍ସ ପାକିସ୍ତାନ, କିମ୍ବା ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଭୂକମ୍ପ ନେଇ ପୂର୍ବାନୁମାନ କରିଥିଲେ। ଆଉ ଆଜି ନେପାଳରେ ଭୂକମ୍ପର ଶକ୍ତ ଝଟକା ଲାଗିଛି, ଯାହାର ପ୍ରଭାବରେ ଆମ ଦେଶର ଉତ୍ତର ଭାରତର ବିଭିନ୍ନ ଅଞ୍ଚଳ ଥରିଉଠିଛି। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଡଚ୍‌ର ଏହି ଅନୁସନ୍ଧାନକାରୀ ତୁର୍କୀ ଏବଂ ସିରିଆ ଭୂକମ୍ପର ମଧ୍ୟ ପୂର୍ବାନୁମାନ କରିଥିଲେ, ଯେଉଁଥିରେ ୫୦ ହଜାରରୁ ଅଧିକ ଲୋକଙ୍କର ଜୀବନ ଚାଲିଯାଇଛି। ସୋଲାର ସିଷ୍ଟମ ଜିଓମେଟ୍ରୀ ସର୍ଭେ (SSGEOS)ର ଜଣେ ଅନୁସନ୍ଧାନକାରୀ ହେଉଛନ୍ତି ଫ୍ରାଙ୍କ ହୁଗରବିଟ୍ସ। ସେ ସେପ୍ଟେମ୍ବର ୩୦ରେ ଶୋସାଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ଲେଖିଥିଲେ, ପାକିସ୍ତାନର କିଛି ଅଂଶ ତଥା ନିକଟବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳୀୟ ପରିବର୍ତ୍ତନ ଘଟିଛି। ଏହା ଆଗାମୀ ଦିନରେ ଏକ ଶକ୍ତିଶାଳୀ କମ୍ପନର ସୂଚକ।

### ବିସ୍କୁଟ ଗୋଦାମରେ ଅଗ୍ନିକାଣ୍ଡ : ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ

ବାଲିଗୁଡା,୩।୧୦(ପି.ଏନ): ବାଲିଗୁଡାରେ ଘଟିଛି ଏକ ଭୟଙ୍କର ଅଗ୍ନିକାଣ୍ଡ । ପାଟଖଣ୍ଡା ସାହିରେ ଥିବା ଏକ ବିସ୍କୁଟ ଗୋଦାମରେ ନିଆଁ ଲାଗିଯାଇଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ବିସ୍କୁଟ ଓ ଚକୋଲେଟ ଜଳିଯାଇଛି । ତେବେ ଗୋଦାମରେ ସର୍ଟ ସର୍କିଟରୁ ନିଆଁ ଲାଗିଥିବାର ନେଇ ସୂଚନା ମିଳିଛି । ଅନ୍ୟପଟେ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ କାବୁ କରିଛନ୍ତି ।

## ପ୍ରାଚୀ ଓ କାଦୁଆ ନଦୀ ଜଳ ପାଲଟିଛି ଜହର ଜୀବନ ଜୀବିକା ବିପନ୍ନ, ଖନନ ଦାବୀ

କାକଟପୁର ,୩।୧୦(ପି.ଏନ): ପୁରୀ ଜିଲ୍ଲାର କାକଟପୁର ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରବାହିତ ପ୍ରାଚୀ ଓ କାଦୁଆ ନଦୀର ଜଳ ଏବେ ଜହର ପାଲଟିଲାଣି । ଉଭୟ ନଦୀର ଜଳ ଏତେ ମାତ୍ରାରେ ପ୍ରଦୂଷିତ ଯେ ଏହା ସ୍ନାନ କି ବ୍ୟବହାର ଉପଯୋଗୀ ନୁହେଁ କ୍ଷ ନଦୀର ଜଳକୁ ସ୍ପର୍ଶ କଲେ ଚର୍ମ ରୋଗ ବ୍ୟାପୁଛି । ଉଭୟ ନଦୀରେ ବନ୍ୟା ଓ ବର୍ଷା ଜଳ ନିଷ୍କାସନ , ନଦୀକୁ ଅବରୋଧ ମୁକ୍ତ , ଚିରପ୍ରବାହ ସହ ଉଭୟ ନଦୀର ମିଳନସ୍ଥଳ କେଲୁଣୀ ମୁହାଁଣକୁ ସଫା କରିବା ପାଇଁ ପ୍ରାଚୀ ସୁରକ୍ଷା ସମିତି ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବୀ ହୋଇଆସୁଛି କ୍ଷ ପୂର୍ବରୁ ଉଭୟ ନଦୀର ପଠାରେ ଟ୍ରକ ଟ୍ରକ ପନି ପରିବା ଚାଷ ହେଉଥିବା ବେଳେ ବର୍ତ୍ତମାନ ନଦୀର ଜଳ ବିଷାକ୍ତ ଯୋଗୁଁ ପନିପରିବା ଚାଷ ବନ୍ଦ ହୋଇଗଲାଣି ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି । ନଦୀରେ ରହୁଥିବା ମାଛ , କଙ୍କଡା , କୋଚିଆ ଗେଣ୍ଡା ବିଷାକ୍ତ ଜଳ ଯୋଗୁଁ ବେଳେବେଳେ ମରି ପାଣିରେ ଭାସୁଥିବାର ଦେଖିବାକୁ ମିଳୁଛି । ନଦୀରେ ବେଳକୁ ବେଳ କଟକି ଦଳ ବୃଦ୍ଧି ପାଇବାରେ ଲାଗିଛି କ୍ଷ ପ୍ରାଚୀ ନଦୀର କୁଣ୍ଡେଇ ବ୍ୟାରେଜ ଓ କାଦୁଆ ନଦୀ ଉପରେ ନିର୍ମିତ ଟିକରପଡା ଆନିକଟ ନିକଟରେ ପର୍ଯ୍ୟାପ୍ତ ପରିମାଣରେ କଟକି ଦଳ ଅଟକି ରହିଛି କ୍ଷ ଦଳସଫେଇ ହେଉନଥିବାରୁ ସ୍ଲଇଚ୍ ଗେଟରେ ଉଦବୃଦ୍ଧ ବର୍ଷା ଜଳ ଭଲଭାବେ ନିଷ୍କାସନ ହୋଇନପାରୁନାହିଁ । ବର୍ଷା ଜଳ ମାସ ମାସ ଧରି କ୍ଷେତରେ ଜମି ରହିବା ଯୋଗୁଁ ଧାନ ଓ ପନି ପରିବା ଚାଷ ଉଜୁଡି ଯାଉଛି ବୋଲି ବହୁ ଚାଷୀ ଅଭିଯୋଗ କରୁଛନ୍ତି । ଅପରପକ୍ଷରେ ଦିନଥିଲା ପ୍ରାଚୀନ ଐତିହ୍ୟ , ସାଂସ୍କୃତିକ ଜାଗରଣ ଓ ବହୁ ଗାରିମାମୟ ଇତିହାସର ମୁକସାକ୍ଷୀ ପୂଣ୍ୟତୋୟା ପ୍ରାଚୀନଦୀର ଜଳକୁ ଭକ୍ତ ମୁଣ୍ଡରେ ମାରି କୃତାର୍ଥ ହେଉଥିଲା । ଆଜି କିନ୍ତୁ ନଦୀ ଜଳର ଅବସ୍ଥା ଅନ୍ୟ ପ୍ରକାର । ଏହି ନଦୀ ଜଳକୁ ଦେଖିଲେ ଭକ୍ତ ନାକ ଟେକୁଛନ୍ତି କ୍ଷ ମହାନଦୀରୁ ଉତ୍ପତି ଲାଭ କରିଥିବା ଏହି ପବିତ୍ର ନଦୀ ଏବେ ବିଲୁପ୍ତ ପ୍ରାୟ । ଅତୀତରେ ଓଡ଼ିଆ ଜାତିର ବାଣିଜ୍ୟ ଓ ନୌପରିବହନର ମୁକସାକ୍ଷୀ ହେଉଛି ପ୍ରାଚୀ ନଦୀ । ପୂଣ୍ୟତୋୟା ପ୍ରାଚୀ ନଦୀର ସଫେଇ ଓ ଖନନ କାର୍ଯ୍ୟ କରିବାକୁ ପୁରୀ ଡ୍ରେନେଜ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବିଭିନ୍ନ ମଠ ମନ୍ଦିରରେ ଥିବା ସାଧୁ ସନ୍ଥ , ପୂଜକ ଓ ମଠାଧୀଶ ମାନେ ଦୀର୍ଘ ଦିନ ଧରି ଦାବୀ କରିଆସୁଥିଲେହେଁ ଡ୍ରେନେଜ ବିଭାଗ ତତ୍ପରତା ପ୍ରକାଶ କରୁନଥିବାରୁ ଏନେଇ ବେଳକୁ ବେଳ ଅସନ୍ତୋଷ ବଢ଼ିବାରେ ଲାଗିଛି । କେବଳ ବର୍ଷା ଦିନକୁ ଛାଡିଦେଲେ ଅନ୍ୟ ସବୁ ସମୟରେ ପ୍ରାଚୀ ଓ କାଦୁଆ ନଦୀ ଠାଆକୁ ଠାଆ ଶୁଖିଲା ପଡୁଛି କ୍ଷ ଏଦିଗରେ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ଓ ପୁରୀ ଡ୍ରେନେଜ ବିଭାଗ ଡିଭିଜନର ଅଧିକ୍ଷଣଯନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେଇ ପ୍ରାଚୀ ଓ କାଦୁଆ ନଦୀର ପୁନଃଉଦ୍ଧାର କରିବାକୁ ବିଭିନ୍ନ ସାମାଜିକ. ସଙ୍ଗଠନ ପକ୍ଷରୁ ଦୃଢ଼ ଦାବୀ ହେଉଛି ।

### ମହାନଦୀ ବ୍ରିଜରେ ଓହଳିଛି ବସ, ବ୍ରିଜରେ ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ

ବାଙ୍କି ,୩।୧୦(ପି.ଏନ) : ମହାନଦୀ ବ୍ରିଜରେ ଯାତ୍ରୀବାହୀ ବସ ପିଟି ହେବା ପରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ବାଙ୍କି ଯାତ ମୁଣ୍ଡିଆ ମହାନଦୀ ବ୍ରିଜରେ ଏହି ଦୁର୍ଘଟଣା ହୋଇଛି । ତେବେ ବସଟି ବ୍ରିଜ ତଳକୁ ଓହଳି କି ରହିଛି । ଏହି ବସଟି ଅନୁଗୁଳରୁ ଭୁବନେଶ୍ୱରକୁ ଆସୁଥିଲା । ଏହି ଦୁର୍ଘଟଣାରେ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି ।

## ସାଧାରଣ ନିରୀହ ଲୋକଙ୍କ ସହିତ ଖେଳୁଛି ଟାଟା ପାୱାର

ନିମାପଡା ୦୩/୧୦(ପି.ଏନ) : ବିଦ୍ୟୁତ୍ ତାର ଲାଗି ବିଭିନ୍ନ ଅଞ୍ଚଳରେ ଲୋକେ ମୃତ୍ୟୁ ମୁଖରେ ପଡୁଥିବା ଶୁଣିବାକୁ ମିଳୁଥିବା ବେଳେ ତଥାପି ବିଦୁତ୍ ବିଭାଗ ର ନିଦ ନଭାଙ୍ଗିବା ସାଧାରଣ ରେ ଚର୍ଚ୍ଚା ର ବିଷୟ ପାଲଟିଛି ।ପୁରୀ ଜିଲ୍ଲା ନିମାପଡ଼ା ରେ ଦେଖିବାକୁ ମିଳିଛି ଏମିତି ଅନେକ ଦୃଶ୍ୟ। ନିମାପଡା ରୁ କୋଣାର୍କ ଯାଉଥିବା ମୁଖ୍ୟ ରାସ୍ତା ରେ ଯାଇଥିବା ୩୩କେଭି ଲାଇନ କୁ ଲାଗି ଅନେକ ଗଛଅଛି ସେ ଗୁଡିକ ଅନେକ ସମୟରେ ଲାଇନ ତାରକୁ ଲାଗି ନିଆଁ ଜଳୁଥିବା ର ଦେଖିବାକୁ ମିଳୁଛି। ତା ସହିତ ଡେଣୁଆ ଠାରୁ ଗୋପ ଯାଏ କୁଶ ଭଦ୍ରା ନଦୀର ପଠାରେ ଥିବା ରାସ୍ତା କୁ ସରକାର୍ ଅନେକ ଟଙ୍କା ଖର୍ଚ୍ଚ କରି ମାଟି ପୋତି। ରାସ୍ତା କୁ ଉଚ୍ଚା କରିବା ସହିତ ରାସ୍ତାର ସୁଧୁଢ କରଣ କରାଯାଇଛି ।କିନ୍ତୁ ଦୁଃଖ ର ବିଷୟ ସେଇ ବାଟରେ ଅନେକ ଟ୍ରାନ୍ସଫରମର ଥିବା ସହିତ ୩୩ କେଭି ର ଅନେକ ବିଦ୍ୟୁତ ଖୁଣ୍ଟ ଅଛି ଆଉ ସେଇ ବିଦ୍ୟୁତ ଖୁଣ୍ଟରେ ବିଭିନ୍ନ ପ୍ରକାର ଲତା ଗଛ ମାଡ଼ି ବର୍ତ୍ତମାନ ଖୁଣ୍ଟି ଗୁଡ଼ିକ ସମ୍ପୂର୍ଣ୍ଣ ବୃକ୍ଷ ଭଳି ଦେଖା ଯାଉଛି ।ଖାଲି ଖୁଣ୍ଟି ନୁହେଁ ନଦୀର ବନ୍ଧଠୀ ଉଁଚା ହୋଇଯିବା କାରଣରୁ ଟ୍ରାନ୍ସଫରମର ବସିଥିବା ଜାଗା ଆଉ ରାସ୍ତାର ସମାନ ଅନୁପାତ ରେ ରହିଛି ଯାହା ଫଳରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ସହିତ ଗୃହ ପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ଅଛି ଦୁଃଖର ବିଷୟ ପ୍ରତିଦିନ ଏହି ରାସ୍ତା ଦେଇ ବିଦୁତ ବିଭାଗ ଯାତାୟାତ କରନ୍ତି କିନ୍ତୁ କାହାର ମଧ ଏଥି ପ୍ରତି ଦୃଷ୍ଟି ନପଡ଼ିବା ବିଦୁତ ବିଭାଗର ଖାମ୍ ଖିଆଲି କର୍ଯ୍ୟାଶୈଳୀ କୁ ସୂଚିତ କରୁଥିବା ଦେଖା ଦେଇଛି ।ଏହି ବିଦୁତ୍ ଖୁଣ୍ଟ କୁ ଲାଗିବା ସହିତ ଏହି ରାସ୍ତାରେ ଅନେକ ଲୋକଙ୍କ ଘର ଅଛି ପିଲାଠୁ ବୁଢ଼ା ଯାଏଁ ଏହି ରାସ୍ତା ଦେଇ ଅନେକ ଲୋକଙ୍କ ଘର ଥିବା ବେଳେ ଏହି ଖୁଣ୍ଟ ଦେଇ ଯାଇଥାଆନ୍ତି,କେତେବେଳେ କାହା ଜୀବନ ଯାଇପାରେ କେହିବି କିଛି କହିହେବନି ବର୍ତ୍ତମାନ ବର୍ଷା ଦିନ ଥିବା ବେଳେ ସରକାର୍ ବିଦୁତ ଖୁଣ୍ଟ କୁ ନ ଛୁଇଁବା ପାଇଁ ସଚେତନ କରୁଥିବା ଶୁଣିବାକୁ ମିଳୁଛି କିନ୍ତୁ ଏ ଭଳି ବିପଦ ପୂର୍ଣ୍ଣ ବିଦୁତ ଖୁଣ୍ଟ ପ୍ରତି କାହାର ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସାଧାରଣ ଲୋକେ ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ ଅନେକ ଗାଁ ରୁ ଏମିତି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି କିନ୍ତୁ ବିଦୁତ ବିଭାଗ ପ୍ରେତେକ ମାସରେ ବିଦୁତ୍ କର୍ମଚାରି ବିଦୁତ୍ ବିଲ୍ ପାଇଁ ଘରକୁ ଘର ବୁଲିଥାନ୍ତି କିନ୍ତୁ ଏ ଭଳି ଖାମ୍ ଖିଆଲି ଭାବେ କାର୍ଯ୍ୟ କରିବା ନିମାପଡା ବିଦୁତ୍ ବିଭାଗର ଯନ୍ତ୍ରୀ ଓ କର୍ମଚାରିଙ୍କ କାର୍ଯ୍ୟ ଶୈଳୀ କୁ ପ୍ରଶ୍ନବାଚୀ ଶୃଷ୍ଟି କରିଛି ।ଆଗାମୀ ଦିନରେ ଯଦି ଅଘଟଣ ଘଟେ ତେବେ କିଏ ଦାଇ ରହିବେ ବୋଲି ସାଧାରଣ ଲୋକେ ପ୍ରକାଶ କରିଛନ୍ତି ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଗଲେ ସାଧାରଣ ଲୋକଙ୍କ ସହିତ ବିଭିନ୍ନ ପ୍ରକାରର ଗୃହପାଳିତ ପଶୁ ପକ୍ଷୀଙ୍କ ଜୀବନ ସୁରକ୍ଷିତ ରହିବ ବୋଲି ସାଧାରଣ ଲୋକେ ପ୍ରକାଶ କରିଛନ୍ତି।



## ବଡ ଖବର... ଭୁବନେଶ୍ୱର ଲୋକସେବା ଭବନରେ ଅଗ୍ନିକାଣ୍ଡ: ଜଳୁଛି ରାଜସ୍ୱ ବିଭାଗ

ଭୁବନେଶ୍ୱର,୩।୧୦(ପି.ଏନ): ରାଜଧାନୀ ଭୁବନେଶ୍ୱରର ଲୋକସେବା ଭବନରେ ଭୀଷଣ ଅଗ୍ନିକାଣ୍ଡ ଘଟିଯାଇଛି । ଲୋକସେବା ଭବନର ପ୍ରଥମ ମଲାରେ ନିଆଁ ଲାଗିଯାଇଥିବା ଦେଖାଯାଇଛି । ଭବନର ରାଜସ୍ୱ ବିଭାଗର କୋଠାରେ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗ ଚେଷ୍ଟା ଜାରି ରଖିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ପାରିନାହିଁ । ତେବେ ଅଗ୍ନିକରାଣ୍ଡର କାରଣ ମଧ କିଛି ଜଣା ପଡିନାହିଁ । ନିଆଁକୁ ଆୟତ୍ତ କରିବା ପାଇଁ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଚେଷ୍ଟା ଜାରି ରଖିଛନ୍ତି ।



## ଡାକ୍ତରଖାନାରେ ୪୮ ଘଣ୍ଟାରେ ୩୧ ଜଣଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୩।୧୦(ପି.ଏନ): ମହାରାଷ୍ଟ୍ରର ନନ୍ଦେଡରେ ଥିବା ଶଙ୍କରରାଓ ଚୌହାନ ସରକାରୀ ଡାକ୍ତରଖାନାରେ ଗତ ୪୮ ଘଣ୍ଟାରେ ୧୬ ଜଣ ନବଜାତ ଶିଶୁଙ୍କ ସମେତ ୩୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ଏହାର ଡିନ୍‌ଙ୍କୁ ଅପଦସ୍ଥ ହେବାକୁ ପଡିଛି। ଶିବସେନା ସାଂସଦ ହେମନ୍ତ ପାଟିଲ ତାଙ୍କୁ ଡାକ୍ତରଖାନାର ଏକ ଟଏଲେଟ ସଫା କରିବାକୁ କହିଥିଲେ। ଜଣେ ଜନପ୍ରତିନିଧି କହୁଥିବାରୁ ବାଧ ହୋଇ ସେ ଟଏଲେଟ୍ ସଫା କରିଥିଲେ। ଅବଶ୍ୟ ସେ ଟଏଲେଟ୍‌ରେ ବ୍ରଶ୍ ବୁଲାଉଥିବା ବେଳେ ସାଂସଦ ପାଇପ ଧରି ପାଣି ପକାଉଥିବା ଦେଖିବାକୁ ମିଳିଥିଲା ।ଶଙ୍କରରାଓ ଚୌହାନ ସରକାରୀ ଡାକ୍ତରଖାନାରେ ୪୮ ଘଣ୍ଟାରେ ୩୧ ଜଣଙ୍କ ମୃତ୍ୟୁ ଜାତୀୟ ଖବର ପାଲଟି ଯାଇଥିବା ବେଳେ ସାଂସଦ ହେମନ୍ତ ପାଟିଲ ଏଠାକୁ ସ୍ଥିତି ଦେଖିବାକୁ ଆସିଥିଲେ। ସେ ଡାକ୍ତରଖାନାରେ ବୁଲୁଥିବା ବେଳେ ଏକ ଟଏଲେଟ ଭାରି ଅପରିଷ୍କାର ହୋଇଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେ ଫିଡିକି ଯାଇଥିଲେ ଓ ଡାକ୍ତରଖାନାର ଡିନ୍ ଶ୍ୟାମରାଓ ୱାକୋଡେଙ୍କୁ ସଫା କରିବା ପାଇଁ କହିଥିଲେ।









# ଟି ଟାଇମ୍

# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ୱଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୪**

# ଶ୍ରାଦ୍ଧ ଓ ପିତୃପକ୍ଷ



ଗୋପାଳ ମହାପାତ୍ର

ସାଧାରଣତଃ ପତ୍ରପକ୍ଷ ଅର୍ଥାତ୍ ଶ୍ରାଦ୍ଧ ପାଇଁ ଉଦ୍ଦିଷ୍ଟ ସମୟ ଏକପକ୍ଷ ବା ୧୫ଦିନକୁ ମୃତ ବ୍ୟକ୍ତି ଏବଂ ପୂର୍ବଜମାନଙ୍କ ସହ ଯୋଡ଼ି ଦିଆଯାଇଥାଏ ଓ କେହି କେହି ଏହାକୁ ଅଶୁଭ କାଳ ବୋଲି ମଧ୍ୟ ମାନିଥାନ୍ତି । ଅନେକେ ମଧ୍ୟ ଏହି ପବିତ୍ର କାଳଖଣ୍ଡ ବା ୧୫ଦିନର ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା କରିଥାନ୍ତି । କିନ୍ତୁ ବର୍ଷକର ଏହି ପିତୃପକ୍ଷ ୧୫ଦିନରେ ଅପାର ସମ୍ଭାବନା ଲୁଚିରହିଥିବା କଥା ମୁନି ଋଷିମାନେ କହିଛନ୍ତି । ଆଧ୍ୟାତ୍ମିକ ମାନ୍ୟତା ଅନୁସାରେ ଏହି ପିତୃପକ୍ଷ ଏମିତି ଏକ ଅଦ୍ଭୁତ ସମୟ ଯେଉଁ ସମୟରେ ଅନେକ ଶୁଭ ପରିଣାମ ମଣିଷକୁ ମିଳିଥାଏ। ଆଧ୍ୟାତ୍ମ ଦୃଷ୍ଟିରେ ମୋକ୍ଷ ପାଇଥିବା ଓ ଅମୋକ୍ଷ ଭାବେ ଘୁରିବୁଲୁଥିବା ଆତ୍ମାଙ୍କ ପାଇଁ ଏହି ସମୟ ପୁଣ୍ୟକାଳ ଅଟେ। ଏହି ସମୟକୁ ଜୀବାତ୍ମାର କଲ୍ୟାଣ ଅର୍ଥାତ୍ ମୋକ୍ଷ ପାଇଁ ସର୍ବଶ୍ରେଷ୍ଠ ସମୟ ବୋଲି କୁହାଯାଇଥାଏ। ଜୀବନ ମୃତ୍ୟୁର ଚକ୍ରର ସ୍ତରକୁ ତ୍ୟାଗକରି ତାର ଉପର ସ୍ତରକୁ ଯିବାର ଅବଧାରଣା କୁ ହିଁ ମୋକ୍ଷ କୁହାଯାଇଥାଏ। 'ଶ୍ରଦ୍ଧୟା ଇଦଂ ଶ୍ରାଦ୍ଧ' ଅର୍ଥାତ୍ ନିଜର ପୂର୍ବଜଙ୍କ ଆତ୍ମିକ ସଂତୁଷ୍ଟି ଓ ଶାନ୍ତି ଏବଂ ମୃତ୍ୟୁପରର ତାଙ୍କର ବିନାବାଧାରେ ଅନନ୍ତ ଯାତ୍ରା ପାଇଁ ଶ୍ରଦ୍ଧାର ସହିତ ଅର୍ପଣ କରାଯାଉଥିବା କାମନା, ପ୍ରାର୍ଥନା, କର୍ମ ଓ ପ୍ରୟାସକୁ ଆମେ ଶ୍ରାଦ୍ଧ କହିଥାଉ। ଏହି ପକ୍ଷକୁ ଏହାର ଅଦ୍ଭୁତ ଗୁଣ ର କାରଣରୁ ହିଁ ପିତୃ ଏବଂ ପୂର୍ବଜମାନଙ୍କ ସମ୍ବନ୍ଧୀୟ ଗତିବିଧି ସହ ଯୋଡ଼ାଯାଇଥାଏ। ଏହି ପକ୍ଷ କେବଳ ମୃତ ବ୍ୟକ୍ତିଙ୍କ ପାଇଁ ବୋଲି ଯାହା କୁହାଯାଏ, ସେ ଧାରଣା ଠିକ୍ ନୁହେଁ।

ଶ୍ରାଦ୍ଧ ପ୍ରକୃତ ପକ୍ଷେ ନିଜର ମୂଳ ସହ ସମ୍ପର୍କ ରଖିବା ଏବଂ ନିଜର ଜଡ଼ ସହ ଯୋଡ଼ିହେବା, ତାକୁ ଜାଣିବା ଓ ସମ୍ମାନ ଦେବାର ସାମାଜିକ ବ୍ୟବସ୍ଥା ବା ପ୍ରକ୍ରିୟାର ଅଂଶବିଶେଷ। ପ୍ରାକ୍ କାଳରେ ପ୍ରାଣାୟାମ, ଯୋଗ, ବ୍ରତ, ଉପବାସ, ଯଜ୍ଞ ତଥା ଅସହାୟଙ୍କୁ ସହାୟତା ଭଳି ଅନ୍ୟ କଲ୍ୟାଣକାରୀ ସକାରାତ୍ମକ କର୍ମ ଏବଂ ଉପକର୍ମ ଶ୍ରାଦ୍ଧ ଦିବସରେ କରାଯାଉଥିଲା। କିନ୍ତୁ ସମୟକ୍ରମେ ଏହା ଆଧାତ୍ମିକ ଓ ଧାର୍ମିକ ଦିବସରେ ପରିଣତ ହୋଇଯାଇଛି। ବର୍ଷକର ଏହି ପକ୍ଷ (୧୫ଦିନକୁ) ଅଶୁଭ କାଳ ବା ସମୟ ବୋଲି ମାନିବା ଅଜ୍ଞାନତା। ଏହି ପକ୍ଷରେ ସ୍ଥୁଳ ଗତିବିଧିକୁ ମହତ୍ୱ ଦିଆଯାଇନାହିଁ କାରଣ ଆଧ୍ୟାତ୍ମିକ ଦୃଷ୍ଟିକୋଣ ସ୍ଥୁଳ ସମୃଦ୍ଧି ଏବଂ ଭୌତିକ ସଫଳତାକୁ କ୍ଷଣଭଙ୍ଗୁର ଅର୍ଥାତ୍ ଶୀଘ୍ର ନଷ୍ଟ ହୋଇଯାଏ ବୋଲି ଗ୍ରହଣ କରିଥାଏ ଏବଂ ଭାରତୀୟ ଦର୍ଶନ ଏଭଳି ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ (୧୫ଦିନ୍) ର ଶସ୍ତା ଉପଯୋଗ କରିବାକୁ ଋହେଁନାହିଁ। ଏ ସମୟ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଐଶ୍ୱର୍ଯ୍ୟର କାମନା କରି ମହାଲକ୍ଷ୍ମୀ ଙ୍କ ପ୍ରସନ୍ନ ପାଇଁ କରାଯାଉଥିବା ସାଧନା ହିଁ ଏହି ପକ୍ଷରେ କରାଯାଇଥାଏ। ମହାଲକ୍ଷ୍ମୀ ଆରାଧନାର ଦ୍ୱିତୀୟ ଖଣ୍ଡରେ ଏହି ପକ୍ଷର ପ୍ରଥମ ସପ୍ତାହର ପ୍ରୟୋଗ ବିଷୟରେ ବର୍ଣ୍ଣନା କରାଯାଇଛି। ଲକ୍ଷ୍ମୀଙ୍କ ଉପାସନା ବା ଆରାଧନା ପାଇଁ ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ଅର୍ଥାତ୍ ରାଧାଷ୍ଟମୀ ଠାରୁ କୃଷ୍ଣ ପକ୍ଷ ଅଷ୍ଟମୀ ହିଁ ସର୍ବୋତ୍ତମ ସମୟ ଅଟେ। ପରମ୍ପରା ଅନୁସାରେ ଏହି ସମୟରେ ଶ୍ରାଦ୍ଧ, ତର୍ପଣ, ଉପାସନା, ପ୍ରାର୍ଥନା ଦ୍ୱାରା ପିତୃଶାନ୍ତି ସହ ଜୀବନର ପୂର୍ବ କର୍ମ ଜନିତ ସଂଘର୍ଷରୁ ମୁକ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ। ଅନେକ ଧର୍ମଗ୍ରନ୍ଥରେ ଶ୍ରାଦ୍ଧ ପାଇଁ କେବଳ ପିତୃପକ୍ଷ ହିଁ ଶ୍ରେଷ୍ଠ ବୋଲି ଉଲ୍ଲେଖ କରାଯାଇଛି।

ବର୍ଷକ ମଧ୍ୟରେ ୧୨ଟି ଅମାବାସ୍ୟା, ୧୨ଟି ସଂକ୍ରାନ୍ତି ୧୨ଟି ବୈଧୃତିଯୋଗ, ୧୨ ବ୍ୟକ୍ତିପାତ ଯୋଗ, ୧୫ପତ୍ରପକ୍ଷ, ୫ଅଷ୍ଟକା ରାହିଛି। ମତ୍ସ୍ୟ ପୁରାଣରେ ଉଲ୍ଲେଖ ଅଛି ଯେ, 'ତ୍ରିବିଧଂ ଶ୍ରାଦ୍ଧ ମୁଚ୍ୟତେ' । ଏହାର ଅର୍ଥ ହେଉଛି ଶ୍ରାଦ୍ଧ ତିନି ପ୍ରକାରର ଯଥା ନିତ୍ୟ, ନୈମିତିକ ଏବଂ କାମ୍ୟ। ଯମସ୍ମୃତିରେ ଶ୍ରାଦ୍ଧ ୫ପ୍ରକାରର ବୋଲି ବର୍ଣ୍ଣନା କରାଯାଇଛି। ଏଗୁଡ଼ିକ ହେଉଛି ନିତ୍ୟ, ନୈମିତିକ, କାମ୍ୟ, ବୃଦ୍ଧି ଏବଂ ପାର୍ବଣ। କିନ୍ତୁ ଭବିଷ୍ୟ ପୁରାଣଷର ଦ୍ୱାଦଶ ଶ୍ରାଦ୍ଧ କଥା ବର୍ଣ୍ଣନା କରାଯାଇଛି। ଏହି ଦ୍ୱାଦଶ ଶ୍ରାଦ୍ଧ ହେଉଛି ନିତ୍ୟ, ନୈମିତିକ, କାମ୍ୟ, ବୃଦ୍ଧି, ସପିଣ୍ଡ, ପାର୍ବଣ, ଗୋଷ୍ଠି, ସୁଧ୍ୟର୍ଥ, କର୍ମାଗ, ତୀର୍ଥ, ଯାତ୍ରାର୍ଥ ଏବଂ ପୁଷ୍ଟି। ସନାତନ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ପିତୃପକ୍ଷରେ ଗୟାରେ ଶ୍ରାଦ୍ଧକୁ ଅଧିକ ମହତ୍ୱ ଦିଆଯାଇଥାଏ। ହିନ୍ଦୁ ସଂସ୍କୃତିରେ ମଣିଷ ଉପରେ ଥିବା ସବୁଠାରୁ ବଡ଼ ଋଣ ପିତୃଋଣରୁ ମୁକ୍ତ ହେବା ପାଇଁ ପିତୃପକ୍ଷ ହିଁ ଶ୍ରେଷ୍ଠ ସମୟ। ଧର୍ମଗ୍ରନ୍ଥମାନଙ୍କ ଅନୁସାରେ ମଣିଷ ଉପରେ ୩ପ୍ରକାର ଋଣ ରହିଛି ଯଥା ପିତୃଋଣ, ଦେବଋଣ ଏବଂ ଋଷିଋଣ। ଏ ତିନି ଋଣ ମଧ୍ୟରୁ ପିତୃଋଣ ସର୍ବୋପରି। ପିତୃଋଣରେ ପିତାଙ୍କ ଅତିରିକ୍ତ ମାତା ତଥା ପୂର୍ବଜ ସମ୍ମିଳିତ ଅଛନ୍ତି। ପିତୃପକ୍ଷରେ ପ୍ରତି ହିନ୍ଦୁ ପରିବାରରେ ମୃତ ପିତା-ମାତାଙ୍କ ଶ୍ରାଦ୍ଧ କରାଯାଏ। ପିତୃପକ୍ଷ ୧୫ଦିନ ହୋଇଥାଏ କିନ୍ତୁ ଏ ବର୍ଷ ଷଷ୍ଠୀ ତିଥି କ୍ଷୟ ହୋଇଥିବା କାରଣରୁ ଶ୍ରାଦ୍ଧ ପକ୍ଷ ୧୪ ଦିନ। ଆଶ୍ୱିନ ମାସର କୃଷ୍ଣ ପକ୍ଷ ପିତୃ ପିତାମହଙ୍କ ପାଇଁ ସମର୍ପିତ।

ବାଲ୍ମୀକି ରାମାୟଣରେ ମାତା ସୀତାଙ୍କ ଦ୍ୱାରା ପିଣ୍ଡଦାନ ଯୋଗୁଁ ଦଶରଥଙ୍କ ଆତ୍ମା ମୋକ୍ଷ ଲାଭ କରିଥିବା କଥା ଉଲ୍ଲେଖ ରହିଛି। ଶ୍ରଦ୍ଧାପୂର୍ବକ ଶ୍ରାଦ୍ଧ କରାଗଲେ ପିତୃପୁରୁଷ ବର୍ଷକ ପର୍ଯ୍ୟନ୍ତ ତୃପ୍ତ ରହିଥାନ୍ତି ଏବଂ ପିତୃପୁରୁଷଙ୍କ ପ୍ରସନ୍ନତା କାରଣରୁ ବଂଶଜମାନେ ଦୀର୍ଘାୟୁ, ସମ୍ପନ୍ନ, ଧନ, ବିଦ୍ୟା, ସୁଖ ଏବଂ ମୋକ୍ଷ ପ୍ରାପ୍ତି କରିଥାନ୍ତି। ମାର୍କଣ୍ଡେୟ ପୁରାଣ ଏବଂ ବାୟୁ ପୁରାଣରେ କୁହାଯାଇଛି ଯେ ଯେକୌଣସି ପରିସ୍ଥିତିରେ ପୂର୍ବଜଙ୍କ ଶ୍ରାଦ୍ଧ ବନ୍ଦ କରିବା ଉଚିତ୍ ନୁହେଁ। ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ ଶ୍ରାଦ୍ଧ କରିବା ବିଧେୟ। ସମସ୍ତ ପ୍ରକାରର ଶ୍ରାଦ୍ଧ ଏହି ପିତୃପକ୍ଷରେ କରାଯିବା ବିଧେୟ। ଶ୍ରାଦ୍ଧରେ କୁଶ ଏବଂ ରାଷିର ଉପଯୋଗ କରାଯାଇଥାଏ। କୁଶକୁ ଜଳ ଏବଂ ବନସ୍ପତିମାନଙ୍କ ମଧ୍ୟରେ ସାର ବା ଉତ୍ତମ ବୋଲି ଗ୍ରହଣ କରାଯାଇଛି। ବୈଦିକ କାଳରୁ ଶ୍ରାଦ୍ଧର ସୃଷ୍ଟି। ବସୁ, ରୁଦ୍ର ଏବଂ ଆଦିତ୍ୟ ହେଉଛନ୍ତି ଶ୍ରାଦ୍ଧର ଦେବତା। ଶ୍ରାଦ୍ଧ ପାଇଁ ମାଟି ହାଣ୍ଡିରେ ଅନ୍ନ ରୋଷେଇ କରାଯାଏ। ପିତୃପୁରୁଷଙ୍କୁ ତିଳ (ରାଷି) ତର୍ପଣ କରାଯାଇ ମାଟିହାଣ୍ଡିର ଅନ୍ନକୁ ପିଣ୍ଡ ଆକାରରେ ଅର୍ପଣ କରାଯାଏ।

ପ୍ରତି ବ୍ୟକ୍ତିଙ୍କର ତିନି ପୂର୍ବଜ ଯଥା ପିତା, ପିତାମହ, ପ୍ରପିତାମହଙ୍କୁ ବସୁ, ରୁଦ୍ର ଓ ଆଦିତ୍ୟ ବୋଲି ଗ୍ରହଣ କରାଯାଏ। ଶ୍ରାଦ୍ଧ ସମୟରେ ଏମାନଙ୍କୁ ଅନ୍ୟ ସମସ୍ତ ପୂର୍ବଜମାନଙ୍କର ପ୍ରତିନିଧି ବୋଲି ମଧ୍ୟ କୁହାଯାଏ। ମାନ୍ୟତା ରହିଛି ଯେ ନୀତି ଅନୁସାରେ କରାଯାଉଥିବା ଶ୍ରାଦ୍ଧ କର୍ମରେ ତୃପ୍ତ ହୋଇ ପୂର୍ବଜମାନେ ବଂଶଧରମାନଙ୍କୁ ସୁଖ-ସମୃଦ୍ଧି ଏବଂ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଆଶୀର୍ବାଦ ଦେଇଥାନ୍ତି। ଶ୍ରାଦ୍ଧ କର୍ମରେ ଉଚ୍ଚାରିତ ମନ୍ତ୍ର ସମସ୍ତ ପିତୃପୁରୁଷଙ୍କୁ ସଂତୁଷ୍ଟ କରିଥାଏ। ଉପନିଷଦରେ କୁହାଯାଇଛି ଦେବତା ଏବଂ ପିତୃପୁରୁଷଙ୍କ କାର୍ଯ୍ୟରେ ବିଳମ୍ବ କରାଯିବା ଉଚିତ୍ ନୁହେଁ। ଶ୍ରାଦ୍ଧରେ ଖୀର ଏବଂ ଦହିର ଉପଯୋଗ ସର୍ବଦୌ ବିଧେୟ। ରାଷିକୁ ଦେବ ଅନ୍ନ ବୋଲି କୁହାଯାଏ ଓ ଏହାର ଉପଯୋଗରେ ହିଁ ପିତୃପୁରୁଷ ସଂତୋଷ ଲାଭ କରିଥାନ୍ତି। କୁଆକୁ ପିତୃପୁରୁଷଙ୍କ ବାହକ ବୋଲି ଗ୍ରହଣ କରାଯାଇଛି। ମାନ୍ୟତା ଅଛି ଯେ ଶ୍ରାଦ୍ଧ ଗ୍ରହଣ କରିବା ପାଇଁ ପିତୃପୁରୁଷଙ୍କ ପାଇଁ କୁଆ ଆସି ପହଞ୍ଚୁଥାଏ। ଏଥିପାଇଁ ଶ୍ରାଦ୍ଧର ପ୍ରଥମ ଅଂଶ କୁଆ ପାଇଁ ରଖାଯାଇଥାଏ। ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ କୃଷ୍ଣପକ୍ଷ ସର୍ବୋତ୍ତମ। ଅମାବାସ୍ୟାରେ କରାଯାଉଥିବା ଶ୍ରାଦ୍ଧ, ତର୍ପଣ, ପିଣ୍ଡଦାନ ପିତୃପୁରୁଷଙ୍କୁ ସଂତୁଷ୍ଟ କରିଥାଏ।

ରାମଚନ୍ଦ୍ରପୁର, ରଣପୁର
ମୋ.-୯୪୩୮୪୮୫୦୯୪

# ସ୍ମୃତିର ଆଇନାରେ ସିଂହଭୂମର ଗୋପବନ୍ଧୁ



ବାଦଲ ଭୂୟାଁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।' ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ। ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ।

୧୯୦୬ ମସିହାରେ ଗୋପବନ୍ଧୁ କଟକରେ ଓକିଲାତି ଆରମ୍ଭ କଲେ। ସେଇବର୍ଷ କେନ୍ଦ୍ରାପଡ଼ା ଓ ଯାଜପୁର ଅଞ୍ଚଳରେ ଭୟାବହ ବଢ଼ି ସେ ଅଞ୍ଚଳର ଅଧିକାଂଶ ଇଲାକାକୁ ବଢ଼ାଇ ରଖିଥିଲା। ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେତେବେଳର ରେଭେନ୍ସା ମହାବିଦ୍ୟାଳୟ ବର୍ତ୍ତମାନର ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ମାନଙ୍କୁ ଧରି ଚୁଡ଼ା, ଚାଉଳ, ଗୁଡ଼ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବନ୍ୟା ପ୍ଲାବିତ ଅଞ୍ଚଳର ଲୋକମାନଙ୍କୁ ବଣ୍ଟନ କରିଥିଲେ। ବନ୍ୟା ସମୟର ସ୍ଥାୟୀ ପ୍ରତିକାର ପାଇଁ 'ସେଣ୍ଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନ୍' ନାମକ ସଂସ୍ଥା ଗଢ଼ିଥିଲେ। ତା'ଛଡ଼ା ସେ ସମୟର ବିଖ୍ୟାତ ଖବର କାଗଜ ମାନଙ୍କରେ ନିଜର ବକ୍ତବ୍ୟ ଦେଇ ସେ ସମୟର ନେତୃମଣ୍ଡଳୀଙ୍କୁ ବନ୍ୟା ବିଭୀଷିକାର ଟିକିନିଖି ଖବର ଜଣାଇ ପାରିଥିଲେ। ୧୯୧୨ରେ ବିହାର ଓଡ଼ିଶା ଗଠନ ହେବା ପରେ ଓଡ଼ିଆ ଭାଷାକୁ ଯେତେବେଳେ ଉଠାଇ ଦିଆଗଲା ସେତେବେଳେ ଷଢ଼େଇକଳା, ଖରସୁଆଁ, ବହଳାଗୋଡ଼ା, ଚାଇଁବସା, ଚକ୍ରଧରପୁର, ସୋନୁଆ, ଇଛା, ହାଟଗହ୍ଲରିଆ, ଜୟନ୍ତଗଡ଼ ଛଡ଼ା ଅନ୍ୟାନ୍ୟ ଅଞ୍ଚଳ ଓ ସିଂହଭୂମିର ବିଶିଷ୍ଟ ବ୍ୟକ୍ତିବିଶେଷ ଏହାକୁ ବିରୋଧ କଲେ। ଏସବୁ ପଛରେ ଗୋପବନ୍ଧୁଙ୍କର ସମର୍ଥନ ଥିଲା। ଗୋପବନ୍ଧୁଙ୍କ ସ୍ମରଣ କରି ସିଂହଭୂମର ବିଶିଷ୍ଟ ଓଡ଼ିଆ ନେତା ତାରାପଦ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ କହିଥିଲେ, କେଡ଼େ କଷ୍ଟ ସ୍ୱୀକାର କରି ଦାସ ଆପଣେ ଅନ୍ୟାନ୍ୟ ଅଞ୍ଚଳ ସହ ଆମ ବହଳାଗୋଡ଼ା ଥାନା ଅଞ୍ଚଳର ବହଳାଗୋଡ଼ା, ଖଣ୍ଡାମଉଦା, ପଞ୍ଚୁଳିଆ, ଖମାର, ଅତଙ୍ଗ ପ୍ରଭୃତି ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ସାଙ୍ଗରେ ବୁଲିବାର ସୌଭାଗ୍ୟ ଏ ହତଭାଗ୍ୟର ହୋଇଥିଲା। ସେତେବେଳେ ବହଳାଗୋଡ଼ା ଅଞ୍ଚଳରେ ୧୬ଟି ଓଡ଼ିଆ ପ୍ରାଇମେରୀ ସ୍କୁଲ ଚଳୁଥିଲା। ପଞ୍ଚୁଳିଆ ଓଡ଼ିଆ ସ୍କୁଲରେ ଈଶ୍ୱର ହୋତାଙ୍କୁ ପଣ୍ଡିତ ଓ ବିଦ୍ୟାସାଗର ଉପାଧି ଦେଇ ଗୋପବନ୍ଧୁ ଅବସ୍ଥାପିତ କରିଥିଲେ। ଉପରୋକ୍ତ ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ ୧୯୧୭ ବେଳକୁ ସିଂହଭୂମିର କୋଣ ଅନୁକୋଣରେ ଥିବା ଓଡ଼ିଆ ବହୁଳ ଅଞ୍ଚଳ ବା ଗାଁ ମାନଙ୍କରେ ଓଡ଼ିଆ ବିଦ୍ୟାଳୟମାନ ପ୍ରତିଷ୍ଠା ହୋଇ ସାରିଥିଲା। ୧୯୧୮ରୁ ୧୯୨୦ ଏଇ ତିନିବର୍ଷର ସମୟର ପରିଧିରେ ଗୋପବନ୍ଧୁଙ୍କର ଅନେକ କାର୍ଯ୍ୟାବଳୀର ଦଲିଲ୍ ଦୃଷ୍ଟିକୁ ଆସେ। ଇୟୁରୋପରେ ବିଶ୍ୱଯୁଦ୍ଧ ଲାଗିଥିବା ବେଳେ ଗୋପବନ୍ଧୁ ସିଂହଭୂମିରେ 'ପଇସିକିଆ ଫଣ୍ଡ' ଆରମ୍ଭ କରିଥିଲେ। ଏଇ ପଇଶକିଆ ଫଣ୍ଡର ଆରମ୍ଭ ହୋଇଥିଲା ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଓଡ଼ିଆ ସ୍କୁଲ ମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ। ୧୭-୧୧-୧୯୨୭ ତାରିଖ 'ସମାଜ'ରେ ଗୋପବନ୍ଧୁ ଲେଖିଥିଲେ ଅର୍ଥ ଅଭାବରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ ଗଢ଼ା ଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଭାଙ୍ଗିଗଲାଣି। ମୁଁ ଏ ଖବର ଶୁଣି ମର୍ମାହତ ହୋଇପଡ଼ିଛି। ହିନ୍ଦୀ ଓ ବଙ୍ଗଭାଷୀଙ୍କ ଚକ୍ରାନ୍ତ ଯୋଗୁଁ ସେ ସମୟରେ ଓଡ଼ିଆ ଶିକ୍ଷା କିପରି ନ ପଢ଼ାଯିବ ତାର ବ୍ୟବସ୍ଥା କରୁଥିଲା ବେଳେ ସେତେବେଳର ଜିଲ୍ଲା ସ୍କୁଲର ଚେୟାରମ୍ୟାନ ମିଷ୍ଟର ଗ୍ୟାରେଟ୍‌ଙ୍କୁ ଚିଠି ଲେଖି ଏଠିକାର ଓଡ଼ିଆ ମାନଙ୍କୁ ଓଡ଼ିଆରେ ଶିକ୍ଷା ଦେବାକୁ ଦାବି କରିଥିଲେ ତାହାକୁ ଗ୍ରହଣ କରି ଗ୍ୟାରେଟ୍ ଓଡ଼ିଆରେ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨ /
୯୨୦୪୭୫୨୦୭୫

# ମହାଳୟା : ଦେବତା, ପିତୃପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା



ଡକ୍ଟର ରାଜକିଶୋର ମିଶ୍ର

ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତା ମାତାଙ୍କର ସେବା କରେ ଏବଂ ସେମାନଙ୍କ ମୃତ୍ୟୁପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ । ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ ପିତୃପକ୍ଷ ବା ମହାଳୟା ପକ୍ଷ କୁହାଯାଏ । ତାମିଲନାଡୁରେ ଏହାକୁ ଆଦି ଅମାବସାଇ, କେରଳରେ କରିକଡ଼ା ବାବୁବଲି ଏବଂ ମହାରାଷ୍ଟ୍ରରେ ପିତୃପକ୍ଷରବଡ଼ା କୁହାଯାଏ । ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶ୍ରଦ୍ଧା ପ୍ରକଟ କରିବା । ବିଶ୍ୱାସ କରାଯାଏ ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି ସେମାନେ ଯେଉଁ ଲୋକରେ ଯେଉଁ ରୂପରେ ଥିଲେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚେ ପୃଥିବୀକୁ ଆସନ୍ତି । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ ତାହାକୁ ଶ୍ରଦ୍ଧା କୁହାଯାଏ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚ କୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ ।

*ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ,*
*ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ*
*କେନ୍ଦ୍ର ମାର୍ଗ, କଟକ,*
*ଦୂରଭାଷ : ୭୦୦୮୧୮୧୮୨୦*

# ବିଶ୍ୱମାତାଙ୍କ ପାଇଁ ଦିନଟିଏ



ଆଜି ବିଶ୍ୱ ପଶୁମଙ୍ଗଳ ଦିବସ । ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି । ଆମ ଆଖପାଖରେ ଦେଖୁଛୁ ଯେ ଆମ ମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୁକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ । ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଇଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଇଥାଉ । ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡ଼ା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହଡା ହୋଇଗଲେ ଗୋରୁ ହାଟରେ ପଣ୍ୟ ହୋଇଯାଏ । ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ । କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘ ଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ । ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତ୍ତୀ ହୋଇ ନିଜେ ନିୟମକୁ ମୋଡ଼ିମାଡି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୁକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ । ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୂଗୋଳ ପୋଥିପତରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୁକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କର ଆକୁଳ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାପବରେ ନିଜେ ଦେଖିଥିଲା । କୃତ୍ୟକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମ ସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଇଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ ।

ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରାଃ । ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ । ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର । ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ । ଯିଏ ଦିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ । ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ ପାଇଁ ସେ ତାର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା । ବଳଦ ସେହିପରି ମୁକ ପ୍ରାଣୀଟିଏ ଯିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ । ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ ହେଲେ ହଡା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଞ୍ଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ । ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖିଥାଉ । ସେମାନେ ରାସ୍ତାରେ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିତ୍ସାତ ଦୂରର କଥା ପାଣି ମୁନ୍ଦାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ । ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ । ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ । ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ । ଏମିତି ପଶୁଟିଏ ଫିଟିଗଲେ କ'ଣ ଖାଇବାକୁ ପାଇବନି ଯେ ଯୁକ୍ତି ବି ଆମେ କରିଥାଉ ଯେ ଏମାନଙ୍କୁ କ'ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଇଥାଉ ? ସବୁ ଦେଇଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ । ଗାଇଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ । ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ । ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ । ବିଶ୍ୱସ୍ତ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାହାରଟିଏ ସାର । ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘ ଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ । ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଇଥାନ୍ତି । ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ'ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ । ଦୁନିଆରେ କୃତଜ୍ଞତାର ପରିଭାଷା ବଦଳିଯାଆନ୍ତା । ଆସନ୍ତୁ ଆଜିପରି ପବିତ୍ର ଦିନରେ ଏହି ମୁକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :*
*୯୪୩୭୨୫୭୧୨୩*

# ସମ୍ପର୍କର ସେତୁ : ଡାକ



ଶେଖ ଫରିଦ୍‌ଉଦ୍ଦିନ

ଡାକିୟା ଡାକ ବାଲା..... ଡାକିଆ ଡାକ ବାଲା...... ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରର ଗୀତଟି ଏବେ ବି ଜନମାନସରେ ବେଶ୍ ଲୋକପ୍ରିୟ । ବର୍ଷ ବର୍ଷ ଧରି ଇଂଗ୍ରେଜମାନଙ୍କ ଶାସନ କାଳରୁ ଲୋକମାନଙ୍କ ଭିତରେ ଭାବଗତ ସମ୍ପର୍କ ଠାରୁ ଆର୍ଥିକ ଦେଣେନେଣେ ଜରୁରୀ ଖବର ଠାରୁ ସମସ୍ତ ଅର୍ଥଗତ ଦେଣେନେଣେର ଏକମାତ୍ର ବ୍ୟବସ୍ଥା ଥିଲା ଡାକ । ସହରାଞ୍ଚଳରେ ପ୍ରଥମେ ବ୍ୟାଙ୍କ ପ୍ରତିଷ୍ଠା ହେବା ପୂର୍ବରୁ ଡାକ ହିଁ ଥିଲା ଲୋକମାନଙ୍କର ସମସ୍ତ ପ୍ରକାର ଯୋଗାଯୋଗର ମାଧ୍ୟମ । ସୁଦୂର ବମ୍ବେ ହେଉ କି ଦିଲ୍ଲୀ ଘରର ରୋଜଗାରିଆ ପୁଅ ଟଙ୍କା ପଠାଉ କିମ୍ବା ଯୁଦ୍ଧ କ୍ଷେତ୍ରରେ ଥିବା ସୈନିକଟି ବାପମାଆଙ୍କ ପାଖକୁ ଆଶ୍ୱାସନା ଓ ପ୍ରବୋଧନାର ପତ୍ରଟି ହେଉ, ରୋଜଗାରିଆ ବାପ ହେଉ କିମ୍ବା ଭାଇ କିମ୍ବା ସ୍ୱାମୀ ଘରକୁ ଟଙ୍କା ପଠାଇବାର ମାଧ୍ୟମ ଥିଲା ଡାକ । ଜରୁରୀ ଟେଲିଗ୍ରାମଟିଏ ହେଉ ବା ଡାକ ଦ୍ୱାରା ଦୈନିକ ଖବର କାଗଜ ଠାରୁ ପତ୍ରପତ୍ରିକା ଓ ଜରୁରୀ ସାମଗ୍ରୀ ପାର୍ସଲ ଦ୍ୱାରା ଡାକ ଦ୍ୱାରା ହିଁ ପରିବହନ ହୋଇଥାଏ । ରାକ୍ଷୀ ଠାରୁ ଭିପିପି ସବୁକିଛିର ମାଧ୍ୟମ ହେଉଛି ଡାକ । ଏହି ଲେଖକ ପିଲାବେଳେ ଗାଁ ସ୍କୁଲରେ ପଢୁଥିଲା ବେଳେ ନୁଆଁଣିଆ ଚାଳଘରେ ଡାକଆସିବା ପର୍ଯ୍ୟନ୍ତ ଲୋକମାନଙ୍କ ଭିଡ଼କୁ ଦେଖିଛି । ପରବର୍ତ୍ତୀ ସମୟରେ ଘରକୁ ନୂଆ ଚାକିରୀ କଲା ପରେ ଏହି ଲେଖକ ଡାକ ଦ୍ୱାରା ହିଁ ଟଙ୍କା ପଠାଇଛି । ଡାକଘରେ ସଞ୍ଚୟ ବ୍ୟବସ୍ଥା ସହ ଆରଡ଼ି ମାଧ୍ୟମରେ ଟଙ୍କା ରଖିବା ଠାରୁ ଫିକ୍ସଡ୍ ଡିପୋଜିଟ୍ ସହ କିଶାନ ବିକାଶ ପତ୍ର, ଜରୁରୀ ଟଙ୍କା ରଖିବା ପାଇଁ ଜୀବନ ବୀମା ବ୍ୟବସ୍ଥା ଦ୍ୱାରା ଟଙ୍କା ସଞ୍ଚୟ ଏହିପରି ବହୁତ ସୁବିଧା ରହିଛି । ସଂପ୍ରତି ଭାରତୀୟ ଡାକ ବ୍ୟବସ୍ଥା ତାର ସେବାରେ ନିଜକୁ ତ୍ୱରାନ୍ୱିତ କରିପାରିଛି । ବ୍ୟାଙ୍କ ପରି ସୁବିଧା ସୁଯୋଗ ଦେବା ପାଇଁ ଭାରତୀୟ ଡାକଆଜି ଦ୍ରୁତ ଗତିରେ ନିଜର ପ୍ରଗତି ଜାରି ରଖିଛି । ତେବେ ଯାହାହେଉନା କାହିଁକି ଡାକ ବିଭାଗର ବୋଝ ଏବେ କମିବାରେ ଲାଗିଛି । ହାତେ ହାତେ ମୋବାଇଲ ଫୋନ୍ ସହ ଘରେ ଘରେ କମ୍ପ୍ୟୁଟରର ଇଣ୍ଟରନେଟ ବ୍ୟବସ୍ଥା ଓ ବ୍ୟାଙ୍କର ସଙ୍ଗେ ସଙ୍ଗେ ଟଙ୍କା ମିଳି ପାରୁଥିବା ଏଟିଏମ୍ ବ୍ୟବସ୍ଥା ପ୍ରଚଳନ ହେବାରୁ ଡାକ ବିଭାଗ ଉପରେ ଭାର ଆଉ ପଡୁନାହିଁ । ତେବେ ଡାକ ବ୍ୟବସ୍ଥା ତାର ସ୍ୱତନ୍ତ୍ରତା ଜାରି ରଖିଛି । କେବଳ ଚଳଚ୍ଚିତ୍ରର କାହାଣୀ ନୁହେଁ ବାସ୍ତବ ସମୟକୁ ଦେଖିଲେ ମାଟିଆ ପ୍ୟାଣ୍ଟ ସାର୍ଟ ସହ ସେହି ରଙ୍ଗର ଟୋପିଟି ପିନ୍ଧି ସାଇକେଲରେ ଚିଠି ବାଣ୍ଟୁଥିବା ଡାକବାଲାଙ୍କ ସାଧୁତା ଓ ସଚ୍ଚୋଟତା ଏ ଯାବତ୍ ଜାରି ରହିଛି । ଭାରତୀୟ ଡାକ ବିଭାଗ ସଂପ୍ରତି ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ପାଇଁ ଦ୍ରୁତ ଗତିରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଉଛି ଯାହାକି ଖୁସିର କଥା । ତୁରନ୍ତ ରେଜିଷ୍ଟ୍ରି ଚିଠି ଓ ଟେଲିଗ୍ରାମ ଘରେ ପହଞ୍ଚାଇବା ସହ ଡାକଘର ମାଧ୍ୟମରେ ଟେଲିଫୋନ ବିଲ୍ ଠାରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ରାଜସ୍ୱ ଏହି ଡାକଘର ଦ୍ୱାରା ସଂଗୃହୀତ ହେଉଛି । ପ୍ରାୟତଃ ଗ୍ରାମାଞ୍ଚଳରେ ଦେଖାଯାଏ ଲୋକମାନେ ଡାକ ବ୍ୟବସ୍ଥା ସହ ନିଜକୁ ଭାବଗତ ଭାବରେ ଯୋଡ଼ି ଥାନ୍ତି । ଟଙ୍କା ଉଠାଣ ବେଳେ ନିଜ ଘରପରି ବିଶ୍ୱାସ ରଖିଛନ୍ତି, ବିଶ୍ୱାସ ରହିଛି ସୁବିଧା ଅସୁବିଧା ବେଳେ ଟଙ୍କା ତ୍ୱରିତ ଭାବରେ ମିଳିପାରିବ । ଭାରତୀୟ ଜୀବନ ବୀମା ପରି ଡାକ ବ୍ୟବସ୍ଥାର ସବୁଠାରୁ ଲୋକପ୍ରିୟ ଜୀବନ ବୀମା ଆଜି କୋଟି କୋଟି ଲୋକଙ୍କ ହୃଦୟ ଜିତି ପାରିଛି । ତଥାପି ଡାକ ବିଭାଗରେ ସମସ୍ୟା ରହିଛି ବହୁତ । ବିଶେଷକରି ଗ୍ରାମାଞ୍ଚଳରେ ଅନେକ ଡାକଘରର ଭିତ୍ତିଭୂମି ଦୁର୍ବଳ । କେଉଁଠି ଟେଲିଫୋନର ସୁବିଧା ନାହିଁ ତ କେଉଁଠି ଟଙ୍କା ରଖିବା ପାଇଁ ସ୍ଥାନଟି ନିରାପଦ ନୁହେଁ । ଭଙ୍ଗା ଦଦରା ଘରେ ଗୁରୁତ୍ୱପୂର୍ଣ୍ଣ କାଗଜ ଦିନକୁ ଦିନ ଭିଜି ଭିଜି ନଷ୍ଟ ହେବାକୁ ଯାଉଛି । ସେହିପରି ଦୁର୍ଭାଗ୍ୟର ପ୍ରସଙ୍ଗ ହେଉଛି ଗୋଟିଏ ଗୋଟିଏ ଡାକ ଘରେ ସଂପୃକ୍ତ ପୋଷ୍ଟମାଷ୍ଟର ନିରୀହ ଲୋକଙ୍କ ପଇସାକୁ ଭୂଆଁ ବୁଲାଇ ସେମାନଙ୍କର ମନିଅର୍ଡ଼ର ଅର୍ଥକୁ ସୁଧ ଲଗାଇ ବହୁତ ଦିନ ପରେ ସେ ଦେଇଥାନ୍ତି । କିଛି ପୋଷ୍ଟମାଷ୍ଟର ଡାକ ଘରେ ଚାକିରୀ କରି ବି ବେପାର ବଣିଜ ଓ ଚାଷରେ ବ୍ୟସ୍ତ ରହି ଲୋକମାନଙ୍କୁ ଯଥାର୍ଥ ସୁବିଧା ନଦେଉଥିବାର ଅଭିଯୋଗ ଗଣମାଧ୍ୟମରେ ପ୍ରକାଶ ପାଉଛି ତେବେ ସଂପ୍ରତି ଡାକବିଭାଗ ଏ ନେଇ ତ୍ୱରିତ ପଦକ୍ଷେପ ନେଇ ଡାକ ସେବାକୁ ଜନାଭିମୁଖୀ କରୁଛନ୍ତି । ଲୋକମାନଙ୍କ ପାଖକୁ ଡାକ ବ୍ୟବସ୍ଥାକୁ ଲୋକପ୍ରିୟ କରି ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସଚେତନ ର୍‌ୟାଲି ଠାରୁ ଦୁଷ୍ପ୍ରାପ୍ୟ ଡାକ ଟିକେଟର ପ୍ରଦର୍ଶନୀ, ଜୀବନ ବୀମା ପରି ଡାକକ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟ ଯୋଜନାକୁ ନିଷ୍ପାପର ଭାବରେ କାର୍ଯ୍ୟ କରୁଛନ୍ତି । ଡାକବିଭାଗର ଏହି ଲୋକପ୍ରିୟ ଯୋଜନା ଦିନକୁ ଦିନ ଲୋକମାନଙ୍କ ଭିତରେ ଗ୍ରହଣୀ ହେଉଥିବା ବେଳେ ବ୍ୟାଙ୍କ ପରି ଡାକଘରେ କିନ୍ତୁ ଆଉ ଭିଡ଼ ନାହିଁ । ନିକଟରେ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ବିଭାଗ ବ୍ୟାଙ୍କ ସେବା ପରି ଡାକ ସେବା କ୍ଷେତ୍ରରେ ବିଭିନ୍ନ ତ୍ୱରିତ ସେବା ଯୋଗାଇବାକୁ ବିଭିନ୍ନ କ୍ରାନ୍ତିକାରୀ ଯୋଜନା ହାତକୁ ନେଉଛନ୍ତି ଯାହାକି ଡାକ ବିଭାଗର ସାଧୁତା, ସଚ୍ଚୋଟତା ଓ ନିଷ୍ପାପରତାର ପ୍ରମାଣ । ତେବେ ଯାହାହେଉନା କାହିଁକି ବର୍ଷ ବର୍ଷ ଧରି ସାଧାରଣ ଲୋକଙ୍କର ବ୍ୟାଙ୍କ ପାଲଟିଥିବା ଡାକସେବା ଆଜି ବି ସୁଦ୍ଧା ସ୍ୱତନ୍ତ୍ରତା ବଜାୟ ରଖିଛି ।

ଦୂରସଂଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮




# ପ୍ରଶାସନ ହସ୍ତକ୍ଷେପ ପରେ ତୁଟିଲା ଆଇଓସିଏଲ ପଣ୍ୟ ପରିବହନ ବିବାଦ



ପାରାଦୀପ,(ପି.ଏନ): ପାରାଦୀପରେ ପଣ୍ୟ ପରିବହନରେ ବିବାଦକୁ ନେଇ ଅସନ୍ତୋଷ ଲାଗି ରହୁଛି । ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଆଇଓସିଏଲ ତୈଳ ବିଶୋଧନାଗାର ରୁ ସେଣ୍ଟ କଟାଲିଷ୍ଟ (ହଜାର୍ଡସ ମେଟେରିଆଲ) ପଣ୍ୟ ପରିବହନ କୁ ନେଇ କ୍ଷ ଏହାକୁ ନେଇ ଅଭୟଚାନ୍ଦପୁର ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଏହି ପଣ୍ୟ ନେବା ପାଇଁ ସନ ଇକୋ ସର୍ଭିସେସ ସହ ପ୍ରଥମେ ଅମ୍ବୁଜା ସିମେଣ୍ଟ ଚୁକ୍ତି କରିଥିଲା କ୍ଷ ଗତ ଜୁଲାଇ ୨୫ ରେ ଉକ୍ତ ସଂସ୍ଥାର ୩ ଟି ଟ୍ରକ କୁ ଜିରୋ ପଏଣ୍ଟ ନିକଟରେ ଟ୍ରକ ସଙ୍ଘ ର କିଛି କର୍ମକର୍ତ୍ତା ଅଟକ ରଖିଥିଲେ । ସନ ଇକୋ ସର୍ଭିସେସ ସଂସ୍ଥା ଅଭିଯୋଗ ମୁତାବକ, ତିନୋଟି ଟ୍ରକ ଆସୋସିଏସନ ର ଜଏଣ୍ଟ କୋଅର୍ଡିନେସନ କମିଟି (ଜେସିସି) କିଛି କର୍ମକର୍ତ୍ତା ମାନେ ତାଙ୍କୁ ଜବରଦସ୍ତ ଲକ୍ଷେ ଟଙ୍କା ଚାନ୍ଦା ଦେବା ସହ ଏହି ପରିବହନ କାର୍ଯ୍ୟ ନକରିବାକୁ ଅମ୍ବୁଜା ସିମେଣ୍ଟ କୁ ମେଲ ଦେବା ପାଇଁ କହିଥିଲେ କ୍ଷ ଦୀର୍ଘ ୧୫ ଦିନ ଧରି ଟ୍ରକ ଗୁଡିକ ଅଟକ ରହିବା ପରେ ବାଧ ହୋଇ ଇକୋ ସର୍ଭିସେସ ଜେସିସି ର ଧମକ ଅନୁସାରେ ଏଥିରୁ ଓହରି ଯାଇଥିଲେ କ୍ଷ ଅନ୍ୟପକ୍ଷରେ ଏହି ସିମେଣ୍ଟ କମ୍ପାନୀ କୁ ଏଚ୍‌ଆଣ୍ଡଜେ ପରିବହନ ସଂସ୍ଥା ଦୀର୍ଘ ଦିନ ହେବ ଜିପସମ ଯୋଗାଇ ଆସୁଥିବାରୁ ଆଇଓସିଏଲ ର ଏହି କଞ୍ଚା ମାଲ ପରିବହନ ପାଇଁ ଅମ୍ବୁଜା ସିମେଣ୍ଟ କମ୍ପାନୀ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରି ପରିବହନ ଦାୟିତ୍ୱ ଦେଇଥିଲେ କ୍ଷ ଏହି ପରିବହନ ସଂସ୍ଥାର ମୁଖ୍ୟ ପ୍ରତ୍ୟୁଷ ତ୍ରିପାଠୀ ଙ୍କ ସୂଚନା ଅନୁଯାଇ ଆଇଓସିଏଲ ରୁ ପଣ୍ୟ ପରିବହନ ପାଇଁ ଟ୍ରକ ଗୁଡିକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ପ୍ରମାଣପତ୍ର ନିତ୍ୟାନ୍ତ ଆବଶ୍ୟକ କ୍ଷ ତେବେ ପ୍ରଥମେ ଏହି ମାଲ ପରିବହନ ପାଇଁ ସେ ଜେସିସି କୁ ଟ୍ରକ ଯୋଗାଇବା ପାଇଁ ଆଲୋଚନା କରିଥିଲେ କ୍ଷ ତେବେ ଗାଡି ମାନଙ୍କର ଆବଶ୍ୟକୀୟ ଯୋଗ୍ୟତା ବା ପ୍ରଦୂଷଣ ପ୍ରମାଣପତ୍ର ଅଭାବରୁ ଜେସିସି ଟ୍ରକ ଯୋଗାଇ ପାରିନଥିଲେ କ୍ଷ ଶେଷରେ ବାଧ ହୋଇ ମାଲ ପରିବହନ ପାଇଁ ସେ ବାହାରରୁ ଟ୍ରକ ଆଣିଥିଲେ କ୍ଷ ତେବେ ପୂର୍ବପରି ଏଚ୍‌ଆଣ୍ଡଜେ ଗାଡି ଗୁଡିକୁ ଜେସିସି ର କର୍ମକର୍ତ୍ତା ମାନେ ବେଆଇନ ଭାବେ ଅଟକ ରଖିବାରୁ ଏହି ସଂସ୍ଥା ଜିଲ୍ଲାପାଳ ଙ୍କ ଦ୍ୱାରସ୍ତ ହୋଇଥିଲା କ୍ଷ ସୂଚନାଥାଉକି ଗତ ବର୍ଷକ ପୂର୍ବ ? ଏହି ମାମଲାର ବିଚାର କରି ହାଇକୋର୍ଟ ଜିଲ୍ଲା ଏସପି ଓ ଜିଲ୍ଲା କଲେକ୍ଟର ଙ୍କୁ ଏହି ସଂସ୍ଥାର ପରିବହନ କୁ ତୁରନ୍ତ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ତେବେ ପୁନର୍ବାର ଜେସିସି ଦ୍ୱାରା ଏହି ଗାଡି ଗୁଡିକୁ ଅଟକ ରଖିବାରୁ ପରିବହନ ସଂସ୍ଥାର ମୁଖ୍ୟ ପ୍ରତ୍ୟୁଷ ତ୍ରିପାଠୀ ଘଟଣାର ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରାଇବା ସହ ଥାନାରେ ଅଭିଯୋଗ କରିଥିଲେ କ୍ଷ ପରେ ଥାନାରେ ଜେସିସି କର୍ମକର୍ତ୍ତା, ଏଚ୍‌ଆଣ୍ଡଜେ ଓ ସନ ଇକୋ ସର୍ଭିସେସ କୁ ନେଇ ଆଲୋଚନା କରାଯିବା ପରେ ଜେସିସି ଭବିଷ୍ୟତରେ ଏଚ୍‌ଆଣ୍ଡଜେ ଟ୍ରେଡ୍‌ର୍ସର କୌଣସି ଗାଡିକି ଅଟକାଇବେ ନାହିଁ ବୋଲି ଥାନାରେ ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଥିବାର ସୂଚନା ମିଳିଛି ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି କ୍ଷ ତେବେ ଜେସିସି ର ସମସ୍ତ ସଭ୍ୟ ମାନଙ୍କୁ ଅନ୍ଧାରରେ ରଖି କିଛି ହାତଗଣତି କର୍ମକର୍ତ୍ତା ବାରମ୍ବାର ଏପରି ବେଆଇନ କାର୍ଯ୍ୟ କରି ଜେସିସି ସଙ୍ଘ କୁ ବଦନାମ କରୁଥିବା ନେଇ ଚର୍ଚ୍ଚା ହେଉଛି ।

# ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ସ୍ୱଚ୍ଛତା ହି ସେବା ଅଭିଯାନ

ପାରାଦୀପ,(ପି.ଏନ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିପାଇନାରୀ ପକ୍ଷରୁ ସ୍ୱଚ୍ଛତା ହି ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା । ସକାଳେ ପାରାଦୀପ ସମୁଦ୍ରକୂଳ ଅଂଚଳ ସଫେଇ ଅଭିଯାନରେ ପାରାଦୀପ ରିଫାଇନାରୀର ସିଜିଏମ୍ ବି ଆର ମଲ୍ଲିକ ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ବର୍ଣ୍ଣନା କରିଥିଲେ । ସମୁଦ୍ରକୂଳକୁ ପ୍ରତିଦିନ ପର୍ଯ୍ୟଟକମାନେ ଆସିଥାନ୍ତି । ସେମାନେ ଗଲା ପରେ ବେଳାଭୂମିରେ ଅଳିଆ ଛାଡି ଯାଇଥାନ୍ତି । ଯାହାକି ଆସୁଥିବା ଅନ୍ୟ ପର୍ଯ୍ୟଟକମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ପାରାଦୀପ ସମୁଦ୍ରକୂଳ ସଫେଇ ଅଭିଯାନରେ ଇଣ୍ଡିଆନ୍ ଅଏଲ ପାରାଦୀପ ରିଫାଇନାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ସ୍‌କ୍ରିକ ସୋଲ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀ, ମହିଳା,ପୁରୁଷ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଅଳିଆ ସଂଗ୍ରହ କରିଥିଲେ ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ପାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟିତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିଜେପିର ଢେଙ୍କାନାଳ ପାର୍ଲିଆମେଣ୍ଟର କୋର କମିଟି ବୈଠକ

ଅନୁଗୁଳ,(ପି.ଏନ): ଅନୁଗୁଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଢେଙ୍କାନାଳ ପାର୍ଲିଆମେଣ୍ଟର କୋର କମିଟି ବୈଠକ ବିଜେପି ଅନୁଗୁଳ ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଢେଙ୍କାନାଳ ପାର୍ଲିଆମେଣ୍ଟ ବିଜେପି କୋର୍ଡ଼ିନେଟର ପ୍ରେମାନନ୍ଦ ଜେନା ଙ୍କ ସଂଯୋଜନା ରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବିଜେପି ନେତା ତଥା ଝାଡ଼ଖଣ୍ଡ ରାଜ୍ୟ ବିଜେପି ର ପୂର୍ବତନ ରାଜ୍ୟ ସଭାପତି ଦିନେଶାନନ୍ଦ ଗୋସ୍ୱାମୀ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ରେ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଅଧିକ ଲାଭାର୍ନିତ ବୋଲି କହିଥିଲେ ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିଜ ଅଞ୍ଚଳ ର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି ଏବଂ ସବୁ କ୍ଷେତ୍ରରେ ଏ ଅଂଚଳ ର ବିକାଶ ପାଇଁ ମୋଦି ସରକାର ରୁ ଦୁଇ ଜିଲ୍ଲା ପାଇଁ ପ୍ରଚୁର ଅର୍ଥ ସ୍ୱତନ୍ତ୍ର ଭାବେ ଆଣିଛନ୍ତି ବୋଲି କହିଛନ୍ତି ।କିନ୍ତୁ ବିଜେଡି ସରକାର ଙ୍କୁ ଲୋକମାନେ ଭୋଟ ଦେଇ ନିର୍ବାଚିତ କରିଥିବା ବେଳେ ସେମାନେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ନାହାଁନ୍ତି, ପୁନଶ୍ଚ ମୋଦି ସରକାର ର ବିକାଶ ମୂଳକ କାର୍ଯ୍ୟ ରେ ବାଧକ ସାଜିଛନ୍ତି ବୋଲି ଶ୍ରୀ ଗୋସ୍ୱାମୀ କହିଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ରୁଦ୍ରନାରାୟଣ ପାଣି, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ପାର୍ଲିଆମେଣ୍ଟ ପ୍ରଭାରୀ ସୀମାଞ୍ଚଳ ଖଟେଇ,ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ପ୍ରଭାତୀ ପରିଡା,ଢେଙ୍କାନାଳ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ,ପ୍ରାକ୍ତନ ମନ୍ତ୍ରୀ ଅଞ୍ଜଳି ବେହେରା, ପ୍ରାକ୍ତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି,ବିଭୁତି ପ୍ରଧାନ, ଶତ୍ରୁଘନ [illegible] ସମେତ ସମସ୍ତ ବିଧାନସଭା କ୍ଷେତ୍ରର

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



ସମ୍ବାଦ କୌଣସି ଘଟଣା, ଅଘଟଣ, ବିବରଣୀ । ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ । ପ୍ରାଚୀନ ସୁଯୋଗ, ଦୁର୍ଯ୍ୟୋଗର ଏକ ସତ୍ୟନିଷ୍ଠ ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ଦେଇ ପଦାରେ ପକାଇ ଦିଏ । ଅସୂୟାପ୍ରଣୋଦିତ ହୁଏ ନାହିଁ । କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ପରିବେଷଣ ହୁଏ ଅଗଣିତ ଏପରି ସମ୍ବାଦରୁ ଜନଗଣ କୌଣସି ଯେପରି ପରିଚୟ ପାଆନ୍ତି ସେପରି ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଅଛି -କେତେବେଳେ ମୌଖିକ, ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ ଏକ ଜୀବିକା । ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧ୍ୟେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି । ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଠିଙ୍କ ପୁତ୍ର କୁହନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୁତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ମୃତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ ଉଲ୍ଲେଖି ଅଛି । ଏହି କଳ୍ପନା ମଧରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୃଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

**ଗୋଲଖ ଚନ୍ଦ୍ର ଦାସ,** ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

## 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଜର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସଞ୍ଚିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂରୀୟସୀ ପ୍ରଶଂସା କରୁଛନ୍ତି ।

## ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ



କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମଞ୍ଚାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୁତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(PEO) ପଂଚାୟତ ଏକ୍ୟୁଜିକୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ ତଦନ୍ତସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।

# ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଂଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାକ୍ତନ ଛାତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ କେନ୍ଦ୍ରାପଡା କଲେଜରେ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୯୮୦ - ୮୨ ବ୍ୟାଚର ଛାତ୍ର ତଥା ବର୍ତ୍ତମାନର କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର କମିଶନର ଡଃ. ସୁରେଶ ଚନ୍ଦ୍ର ଦଳାଇଙ୍କୁ କଲେଜର ଅଧାପକ, ଅଧାପିକା, କର୍ମଚାରୀ, ପୁରାତନ ଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାକ୍ତନ ଇଂରାଜୀ ଅଧାପକ ତଥା ତାଙ୍କର ଶିକ୍ଷକ ଦୁର୍ଯୋଧନ ପରିଡା ତାଙ୍କ ପରିଚିତି ସମ୍ପର୍କରେ ଅବଗତ କରାଇବା ସହ କଲେଜର ସମସ୍ୟା ପ୍ରତି ନିଜ କାର୍ଯ୍ୟ ଜରିଆରେ ସେ ସମ୍ପୃକ୍ତି ପ୍ରକାଶ କରିଥିବା ପ୍ରତିବଦ୍ଧତାର ମଧ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା ଆଶୀର୍ବଚନ ସହ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନିମିତ୍ତ ଆବଶ୍ୟକ ଭିତିଭୂମୀ ଯୋଗାଡ ପାଇଁ ତାଙ୍କ ସହଯୋଗ କାମନା କରିଥିଲେ । କଲେଜ ପରିଚାଳନା ପରିଷଦର ଅଧକ୍ଷ ଡା. ବାସୁଦେବ ପାତ୍ର କଲେଜ ଜମି ସମସ୍ୟାର ସମାଧାନ ପ୍ରସଙ୍ଗ ଅବଗତ କରାଇଥିଲେ । ପ୍ରାକ୍ତନ ଅଧକ୍ଷ ଡଃ. ସେକ ସମସୁର, ପରିଚାଳନା ପରିଷଦ ସଭ୍ୟ ଅଧାପକ ଅଜୟ ସାମଲ ଓ ଉପାଧକ୍ଷ ଗୋପାଳ ଚନ୍ଦ୍ର ବେହେରା ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ନିଜ ମାତୃ ଶିକ୍ଷାକେନ୍ଦ୍ରର ବିକାଶ ପାଇଁ ନିଜ ସାମର୍ଥ୍ୟ ମତେ ସମସ୍ତ ସହାୟତା ଯୋଗାଇଦେବାକୁ ସେ ସଭାରେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ମଧ କଲେଜର ଜମିଜମା ଦାୟିତ୍ୱ ବୁଝୁଥିବା ପ୍ରାକ୍ତନ ଅଧାପକ ବାସୁଦେବ ଦାସଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ । ଏହି ସଭାରେ ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧକ୍ଷ ଦେବବ୍ରତ ପ୍ରଧାନ, ଛତିଆ ମହାପୁରୁଷ ହାଡିଦାସ କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡଃ. ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ଅଧାପକ ଡଃ. ପ୍ରମୋଦ ଦାସ ଅଧାପକ ଡଃ. ସଞ୍ଜିବ ମହାନ୍ତି, ମେଜର ମନୋରଞ୍ଜନ ମହାନ୍ତି, ରାମଚନ୍ଦ୍ର ପାତ୍ର, ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ ଦାସ, ଅଧାପିକା ଡଃ. ରତ୍ନମଞ୍ଜରୀ ଦାଶ, ଡଃ. ପୌର୍ଣ୍ଣମାସୀ ପଣ୍ଡା, କ୍ୟାପ୍ଟେନ ସୀମା ମହାନ୍ତି, ମୁଖ୍ୟ ଅଫିସ ସହାୟକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅଧାପକ ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ ଓ ସୁବ୍ରତ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଉପାଧକ୍ଷ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)-ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଖୋରଧା ମା'ବରୁଣେଇଙ୍କ ପୀଠରେ ସଂଘର ସଭାପତି ଭାଗିରଥୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କୋଷାଧକ୍ଷ ଅଜୟ କୁମାର ସେଠୀ ସ୍ୱାଗତ ଜଣାଇବା ପରେ ସାଧାରଣ ସମ୍ପାଦକ ଜୟଦେବ ସେଠୀ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାୟ ୪ଟି ବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ସଂଘର ୩୪ଟି ଗଡ଼ ବେହେରାମାନଙ୍କୁ ଏବଂ ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସର୍ବୋଚ୍ଚ ସେବା ସମ୍ମାନ ଅଠରଗଡ଼ ଗୌରବ ୨୦୨୨ ଲକ୍ଷ୍ମଣ ସେଠୀଙ୍କୁ ଓ ମରୋଣତୋରଭାବେ ପରମାନନ୍ଦ ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଉତ୍କଳ ରଜକ ମହାସଂଘ ଓଡ଼ିଶାର ପଦାଧିକାରୀ ଓ ଅନ୍ୟମାନଙ୍କ ମଧ୍ୟରେ ମନୋଜ ସେଠୀ, ରବିନ୍ଦ୍ର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସେଠୀ ମଂଚାସୀନ ଥିଲେ । ଆଇନ ପରାମର୍ଶ ଦାତା ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀରାମ ସେବା ସଂଗଠନର ଜଳଛତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରୀରାମ ସେବା ସଂଗଠନର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ତିନିଦିନ ଧରି ରନ୍ଧା ଖାଦ୍ୟ ବଣ୍ଟନ ସହିତ ବାଲେଶ୍ୱର ରେଲୱେ ଷ୍ଟେସନ ସାମ୍ନାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ବାଲେଶ୍ୱରର ସିନେମା ଛକ, ବସ ଷ୍ଟାଣ୍ଡ, ମେଡିକାଲ, ଆଇଟିଆଇ ଛକ ଓ ସାଇ ମନ୍ଦିର ପ୍ରଭୃତି ସ୍ଥାନମାନଙ୍କରେ ଗରିବ ଅସହାୟ ଲୋକମାନଙ୍କୁ ଶ୍ରୀରାମ ସେବା ସଂଗଠନର ସଦସ୍ୟ ମାନେ ଏକ ଗାଡ଼ି ସାହାଯ୍ୟରେ ବୁଲି ବୁଲି ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଲୱେ ଷ୍ଟେସନଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମକୁ ସଭାପତି କୃତିବାସ ମହାନ୍ତି, ସହସଂପାଦକ ଚିତ୍ତରଞ୍ଜନ ମହାନ୍ତି, ସନ୍ତୋଶ କୁମାର ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ଶୁଭକାନ୍ତ ଶ୍ରୀକାନ୍ତ ନନ୍ଦ ଚନ୍ଦନେଶ୍ୱର ଚତଧାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସଂଗଠନର ଏହିଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ସଂଗଠନର ଉତ୍ତରୋତର ଉନ୍ନତି କାମନା କରିଥିଲେ ।

## ଗୋରୁ ବୋଝେଇ କଂଟେନର ଜବତ

ଖୋର୍ଦ୍ଧା (ପିଏନ)-ବେଗୁନିଆ ଥାନା ଅନ୍ତର୍ଗତ ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ ଗୋରୁବୋଝେଇ କଂଟେନର ବଡବେରଣା ଗ୍ରାମ ନିକଟରୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ କୁଶପଲ୍ଲୀ ଗ୍ରାମରୁ ଏକ ଓଆର ୦୨ ବିଟି ୦୨୧୬ ନମ୍ବର ବିଶିଷ୍ଟ କଂଟେନରରେ ୩୫ଟି ଗୋରୁ ବୋଝେଇ କରି ୪୮ ନମ୍ବର ଜାତୀୟ ରାଜପଥରେ କଂଟିଲୋ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଗାଡିକୁ ଜବତ କରିବା ସହ ଗାଡିର ଚାଳକ ମହମ୍ମଦ ସିରାଜଉଦ୍ଦିନ (୫୨), ଆବଦୁଲ ସାମସୁଦ୍ଦିନ ଖାଁ (୪୧) ଓ ଅତାରୁ ଖାଁ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସତ୍ୟମ୍ ଶିବମ୍ ସୁନ୍ଦରମ୍

କଳ୍ପନା କରନ୍ତୁ କି, ଜୀବନ ହେଉଛି ପ୍ରେମ, ଉଲ୍ଲାସ, ଭୋକ ଓ ଭୟର ଏକ ମହାସାଗର; ଆଉ ଆମେ ସମସ୍ତେ ସେଥିରେ ଭାସୁଛନ୍ତି। ଏହାର ସୁନ୍ଦର ଓ ଭୟଙ୍କର, ଶକ୍ତିଶାଳୀ ଓ ସର୍ବଦା ବଦଳୁଥିବା ତରଙ୍ଗ ମଧ୍ୟରେ ଆମେ ବଂଚିବାକୁ ପ୍ରୟାସ ଚଳାଇଛନ୍ତି। ଏହି ମହା ସମୁଦ୍ରରେ ଯେଉଁଠି ପ୍ରେମ, ଆନନ୍ଦ ଓ ଅପାର ସୁଖ ରହିଛି, ସେଠି ଭୟ ମଧ୍ୟ ବି ରହିଛି। ସେହି ଭୟ ହେଉଛି – ମୃତ୍ୟୁର ଭୟ, ଭୋକର ଭୟ, ଦୁଃଖର ଭୟ, ଲାଭକ୍ଷତିର ଭୟ, ଭିଡ଼ ଭିତରେ ହଜିଯିବାର ଭୟ ଏବଂ ଅସଫଳ ରହିଯିବାର ଭୟ। ଏହି ମହା ସମୁଦ୍ରରେ ସାମୂହିକ ଏବଂ ନିରନ୍ତର ଯାତ୍ରାର ନାମ ଜୀବନ, ଯାହାର ଭୟାନକ ଗଭୀରତାରେ ଆମେ ସମସ୍ତେ ପହଁରୁଛେ। ଏହା ଏଥିପାଇଁ ଭୟାବହ ଯେ, ଏ ପର୍ଯ୍ୟନ୍ତ କେହି ଏହି ମହାସାଗରରୁ ରକ୍ଷା ପାଇବାକୁ ସକ୍ଷମ ହୋଇନାହାନ୍ତି କିମ୍ବା କେହି ରକ୍ଷା ପାଇପାରିବେ ନାହିଁ। ଯେଉଁ ବ୍ୟକ୍ତି ନିଜର ଭୟର ଗଭୀରତାରେ ପଶିବାର କ୍ଷମତା ରଖିଛନ୍ତି ଏବଂ ଏହି ମହାସାଗରକୁ ସତ୍ୟ ନିଷ୍ଠାର ସହ ଦେଖିବାର ସାହାସ ରଖିଛନ୍ତି–ସେ ହେଉଛନ୍ତି ହିନ୍ଦୁ। ହିନ୍ଦୁ ଧର୍ମ କେବଳ କିଛି ସାଂସ୍କୃତିକ ମାନ୍ୟତାରେ ସୀମିତ ବୋଲି କହିବା ତାହା ବାବଦରେ ଅଜ୍ଞ ପାଠ ହେବ। ତାହାକୁ ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ର କିମ୍ବା ଭୂଭାଗ ବିଶେଷରେ ବାନ୍ଧି ରଖିବା ମଧ୍ୟ ତାହାର ଅବମାନନା ହେବ। ଭୟ ସହିତ ନିଜର ଆତ୍ମାର ସମ୍ବନ୍ଧକୁ ବୁଝିବା ଲାଗି ହିନ୍ଦୁ ଧର୍ମ ହେଉଛି ମନୁଷ୍ୟ ଦ୍ୱାରା ଆବିଷ୍କୃତ ଏକ ପଦ୍ଧତି। ସତ୍ୟକୁ ଅଙ୍ଗୀକାର କରିବାର ଏହା ଏକ ମାର୍ଗ। ସେହି ମାର୍ଗ କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ, ବରଂ ଏହାକୁ ଆଧାର କରି ଚାଲିବାକୁ ଚାହୁଁଥିବା ପ୍ରତ୍ୟେକ ବକ୍ତିଙ୍କପାଇଁ ଏହା ଉଦ୍ଦିଷ୍ଟ।ଜଣେ ହିନ୍ଦୁ ନିଜର ଜୀବନ କାଳ ଭିତରେ ସମସ୍ତ ପ୍ରାଣୀଙ୍କ ପତି କରୁଣା ଓ ଗରିମାର ସହିତ ଉଦାରପୂର୍ବକ ବ୍ୟବହାର ପ୍ରଦର୍ଶନ କରିଥାଏ। କାରଣ ସେ ଜାଣିଛି ଯେ, ଜୀବନରୂପୀ ଏହି ମହାସାଗରରେ ଆମେ ସମସ୍ତେ ବୁଡ଼ିବା ଏବଂ ଉଠିବାରେ ଲାଗିଛନ୍ତି। ବଂଚିବା ଲାଗି ସଂଘର୍ଷ କରୁଥିବା ସମସ୍ତ ପ୍ରାଣୀକୁ ରକ୍ଷା କରିବା ଲାଗି ସେ ଆଗେଇ ଆସିଥାଏ। ସବୁଠୁ ନିର୍ବଳ ଚିନ୍ତା ଓ ନିଶବ୍ଦ ଚିତ୍କାର ପ୍ରତି ମଧ୍ୟ ସେ ସଚେତନ ଥାଏ। ନିର୍ବଳମାନଙ୍କୁ ସୁରକ୍ଷା ଦେବାର କର୍ତବ୍ୟ ହେଉଛି ତାହାର ଧର୍ମ। ସତ୍ୟ ଓ ଅହିଂସା ଶକ୍ତି ଦ୍ୱାରା ଦୁନିଆର ସବୁଠୁ ଅସହାୟର ଚିତ୍କାରକୁ ଶୁଣିବା ଏବଂ ତାହାର ସମାଧାନ ଖୋଜି ବାହାର କରିବା ମଧ୍ୟ ହେଉଛି ତାହାର ଧର୍ମ।ଜଣେ ହିନ୍ଦୁ ପାଖରେ ଭୟକୁ ଗଭୀର ଭାବରେ ଦେଖିବା ଏବଂ ତାହାକୁ ସ୍ୱୀକାର କରିବାର ସାହସ ରହିଛି। ଜୀବନର ଯାତ୍ରାପଥରେ ସେ ଭୟ ରୂପୀ ଶତ୍ରୁକୁ ମିତ୍ରରେ ବଦଳାଇଦେବା ଶିଖେ। ଭୟ କେବେ ତା' ଉପରେ ପ୍ରଭାବ ବିସ୍ତାର କରନାହିଁ, ବରଂ ଜଣେ ଘନିଷ୍ଠ ସଖା ହୋଇ ତା'କୁ ଆଗକୁ ଯିବାର ବାଟ ଦେଖାଇଥାଏ। ଜଣେ ହିନ୍ଦୁର ଆତ୍ମା ଏତେ ଦୁର୍ବଳ ନୁହେଁ ଯେ ସେ ନିଜ ଭୟର ନିୟନ୍ତ୍ରଣରେ ଆସି କୌଣସି ପ୍ରକାର କ୍ରୋଧ, ଘୃଣା ବା ପ୍ରତିହିଂସାର ମାଧ୍ୟମ ପାଲଟିଯିବ। ହିନ୍ଦୁ ଜାଣିଥାଏ, କି ସଂସାରର ସମସ୍ତ ଜ୍ଞାନରାଶି ହେଉଛି ସାମୂହିକ ଏବଂ ସବୁ ଲୋକଙ୍କର ଇଚ୍ଛାଶକ୍ତି ଓ ପ୍ରୟାସରେ ତାହା ଉତ୍ପନ୍ନ ହୋଇଛି। ଏହା କେବଳ କାହା ଜଣଙ୍କର ସମ୍ପତି ନୁହେଁ। ଏଥିରେ ସମସ୍ତଙ୍କର କିଛି ନା କିଛି ଅବଦାନ ରହିଛି। ସେ ଜାଣିଥାଏ କି, କିଛି ବି ସ୍ଥାୟୀ ନୁହେଁ ଏବଂ ସଂସାରୂପୀ ମହାସାଗରର ଏହି ଧାରାରେ ଜୀବନ ଲଗାତର ପରିବର୍ତନଶୀଳ। ଜ୍ଞାନ ପ୍ରତି ଉତ୍କଟ ଜିଜ୍ଞାସାର ଭାବନା ଦ୍ୱାରା ସଂଚାଳିତ ହିନ୍ଦୁର ବିବେକ ସର୍ବଦା ଖୋଲା ରହିଥାଏ। ସେ ବିନମ୍ର ହୋଇଥାଏ ଏବଂ ଏହି ଭବସାଗରରେ ବିଚରଣ କରୁଥିବା ଯେ କୌଣସି ବ୍ୟକ୍ତିଠାରୁ ବି ଶୁଣିବାକୁ ଓ ଶିଖିବାକୁ ସେ ପ୍ରସ୍ତୁତ ଥାଏ। ହିନ୍ଦୁ ସମସ୍ତ ପ୍ରାଣୀଙ୍କୁ ଶ୍ରଦ୍ଧା କରିଥାଏ। ସେ ଜାଣିଥାଏ କି, ଏହି ମହାସାଗରରେ ପହଁଚିବା ପାଇଁ ସମସ୍ତଙ୍କର ନିଜସ୍ୱ ପଥ ଓ ପଦ୍ଧତି ରହିଛି। ନିଜ ରାସ୍ତାରେ ଚାଲିବାର ଅଧିକାର ସମସ୍ତଙ୍କର ରହିଛି। ସେ ସବୁ ରାସ୍ତାକୁ ଶ୍ରଦ୍ଧା କରେ, ସମସ୍ତଙ୍କୁ ଆଦର କରେ ଏବଂ ସେମାନଙ୍କର ଉପସ୍ଥିତିକୁ ସଂପୂର୍ଣ୍ଣ ନିଜର ଭାବି ସ୍ୱୀକାର କରେ।

*ରାହୁଲ ଗାନ୍ଧୀ, ସାଂସଦ*
*ପୂର୍ବତନ ସଭାପତି ଅଖିଳ ଭାରତ*
*କଂଗ୍ରେସ କମିଟି*

# ଜିଲ୍ଲାପାଳ,ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ




ରାୟଗଡ ,(ପି.ଏନ): ଆଜି ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ନିହାର ରଞ୍ଜନ କହଁର,ରାୟଗଡ ଉପ ଜିଲ୍ଲାପାଳ, କଲ୍ୟାଣୀ ସଂଘମିତ୍ରା ଦେବି, ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ ଶ୍ରୀ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ଆଜି ମୋଟ ୪୩ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ୩୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୫ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା କ୍ଷ ଜିଲ୍ଲାପାଳ ଶ୍ରୀମତୀ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୨ ଜଣଙ୍କୁ ୨ଲକ୍ଷ ୨୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜାଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ଦୟାନିଧି ବାଗ,ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା,ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ,ରାୟଗଡ, ତହସିଲଦାର, ରାୟଗଡ଼ , ସଦର ବିଡ଼ିଓ କାଳୁଚରଣ ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କାମାକ୍ଷୀ ପାଢ଼ୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ,ଶ୍ରୀକାନ୍ତ ପାଣିଗ୍ରାହୀ,ଜିଲ୍ଲା କ୍ରୀଡା ଅଧିକାରୀ, ଶେଖ ଆଲେନୁର,ଜିଲ୍ଲା ସ୍ୱଚ୍ଛ ସଂଚୟ ଅଧିକାରୀ,ବିଟଟାଲ ଷଡ଼ଙ୍ଗୀ,ଜିଲ୍ଲା ପଂଚାୟତ ଅଧିକାରୀ, ସକିଲା ଚରଣ ବାସ୍କ ?, ଶିକ୍ଷ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ,ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମୋସୀ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ଥରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ ।ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ସୂଚନା ପ୍ରଯୁକ୍ତି ବିଭାଗ ଉପଦେଷ୍ଟାଙ୍କ ରାୟଗଡା ଗସ୍ତ

ରାୟଗଡା,(ପି.ଏନ): ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତ ବିଭାଗ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଦୁଇଦିନିଆ ରାୟଗଡା ଜିଲ୍ଲା ଗସ୍ତ କରିଛନ୍ତି । ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଇଣ୍ଟରନେଟ ସଂଯୋଗ ସହ ୫ଟି ବିଦ୍ୟାଳୟରେ ଇଣ୍ଟରନେଟସେବା ଯୋଗାଣ ସକାଶେ ଚାଲୁ ରହିଥିବା କାର୍ଯ୍ୟ ଅଗ୍ରଗତି ନେଇ ତଦାରଖ କରିଥିବା ଜଣାପଡିଛି । ତେବେ ଶ୍ରୀ ପଟ୍ଟନାୟକ କୋରାପୁଟ ଗସ୍ତ ସାରି ଗତ ୨୬ରିଖ ସନ୍ଧ୍ୟାରେ ରାୟଗଡାରେ ପହଞ୍ଚି ଥିଲେ । ଏହାପରେ ଗତ ୨୭ରିଖଦିନ ଶ୍ରୀ ପଟ୍ଟନାୟକ କୋଲନରା ବ୍ଲକ, କୈଳାଶପୁର ପଞ୍ଚାୟତ ସଦର ମହକୁମା, ରାମନାଗୁଡା ବ୍ଲକ, କୁଜେନ୍ଦ୍ରୀ ପଞ୍ଚାୟତ କାର୍ଯ୍ୟାଳୟ ସମେତ ଗୁଣୁପୁର ବ୍ଲକ କାର୍ଯ୍ୟାଳୟ, ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ, ଡମ୍ବସରା, ପଦ୍ମପୁର ବ୍ଲକ, କେନ୍ଦୁଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଖିଲାପଦର ପଞ୍ଚାୟତ ସହିତ ପାଶ୍ୱରସ୍ଥ ୫ଟି ବିଦ୍ୟାଳୟ ଗୁଡିକ ମଧ୍ୟ ଶ୍ରୀ ପଟ୍ଟନାୟକ ପରିଦର୍ଶନ କରିଥିବା ଜଣାପଡିଛି । ଭାରତ ସଞ୍ଚାର ନିଗମ ତରଫରୁ ଉକ୍ତ ୫ଟି ବିଦ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ହାଇସ୍ପିଡ ଇଣ୍ଟେରନେଟ ସଂଯୋଗ କରାଯିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଥିବାବେଳେ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି । ପଞ୍ଚାୟତ ସଦର ମହକୁମାରେ ମୋ ସେବା ତଥା ଗ୍ରାହକ ସେବା କେନ୍ଦ୍ର ସ୍ଥାପନ ସହ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡିବା ନେଇ ଲକ୍ଷ୍ୟ ରହିଛି । ସେହିପରି ୫ଟି ଅନ୍ତର୍ଗତ ରୂପାନ୍ତରିତ ବିଦ୍ୟାଳୟରେ ଇ ଲ୍ୟାବ୍ରେରୀ ପ୍ରତି । ଏବଂ ପ୍ରତ୍ୟେକ କମ୍ପୁଟର ସିସଟମରେ ହାଇସ୍ପିଡ୍ ଇଣ୍ଟରନେଟ ସଂଯୋଗ ପ୍ରଦାନ କରାଯିବା ନେଇ ପ୍ରକ୍ରିୟା ଚାଲୁ ରହିଛି । ତେଣୁ ଉକ୍ତ କାର୍ଯ୍ୟ ଅଗ୍ରଗତି ନେଇ ଶ୍ରୀ ପଟ୍ଟନାୟକ ସମୀକ୍ଷା କରିବା ସହ ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଉକ୍ତ କାର୍ଯ୍ୟ ଗୁଡିକ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଜନ ସଂପର୍କ ପଦଯାତ୍ରା ଶୁଭାରମ୍ଭ

ନୂଆପଡ଼ା (ବିରବଲ ପ୍ରଧାନ)(ପି.ଏନ):ନୂଆପଡ଼ା ଜିଲ୍ଲା ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ତରଫରୁ ଜନ ସଂପର୍କ ପଦଯାତ୍ରା ର ଶୁଭାରମ୍ଭ ହୋଇଯାଇଛି,ପ୍ରଥମ ଦିବସର ପଦଯାତ୍ରା ବୋଡେନ ବ୍ଲକ ର ବିନପୁର ଠାରୁ ନୂଆପଡା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଙ୍କ ନେତୃତ୍ୱ ରେ ଏହା ଆରମ୍ଭ ହୋଇ ବୋଡେନ ପାତାଳଗଙ୍ଗା ଠାରେ ଶେଷ ହୋଇଥିଲା,। ଏହି ଜନ ସଂପର୍କ ପଦଯାତ୍ରା ରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଓ ତିନି ଗୋଟି ବ୍ଲକ ର ପଦାଧିକାରୀ ସମସ୍ତ ମହିଳା ନେତ୍ରୀ, ଯୁବ ଛାତ୍ର ନେତୃବର୍ଗ ଓ ସମସ୍ତ ଦଳିୟ କାର୍ଯ୍ୟକର୍ତ୍ତା ମାନେ ଅଂଶଗ୍ରହଣ କରିଥିଲେ ଏହି ଜନ ସଂପର୍କ ପଦଯାତ୍ରା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇ ଅକ୍ଟୋବର ୧୧ତାରିଖ ଜୟ ପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ହେବାର ସ୍ଥିରିକୃତ ହୋଇଅଛି, ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଗ୍ରାମ କୁ ଯାଇ ରାଜ୍ୟ ସରକାର ଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ

# ଖପ୍ରାଖୋଲ ରେ ଗାନ୍ଧୀଜୀ ଓ ଶାସ୍ତ୍ରୀ ଜି ଜୟନ୍ତୀ ପାଳିତ

ଖପ୍ରାଖୋଲ,(ପି.ଏନ) : ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ର ଅଧକ୍ଷ୍ୟା ଦମୟନ୍ତୀ ମହାରଣା ପୁଷ୍ପ ମାଲ୍ୟ ଗାନ୍ଧୀଜୀ ଓ ଶାସ୍ତ୍ରୀ ଜି ଙ୍କ ଫଟୋ ଚିତ୍ର ରେ ଅର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହି ପରି ଛାତ୍ରୀ ଛାତ୍ର ମାନେ ମଧ ଗାନ୍ଧୀଜୀ ଓ ଶାସ୍ତ୍ରୀ ଜୀଙ୍କ ସରଳ ଜୀବନ ଉଚ୍ଚ ବିଚାର ଉପରେ କହିଥିଲେ। ପରେ ଏକ ଶୋଭାଯାତ୍ରା ରେ ଗାଁ ପରିକ୍ରମା କରିଥିଲେ। ସେହି ପରି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ରେ ମଧ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଇସପାଲ ସୁନା ଫଟୋ ଚିତ୍ର ରେ ଫୁଲ ଅର୍ପଣ କରିଥିବା ବେଳେ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲେ। ସେହି ପରି ବିଭିନ୍ନ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ରେ ଗାନ୍ଧୀ ଜି ଓ ଶାସ୍ତ୍ରୀ ଜି ଜୟନ୍ତୀ ପାଳନ ସହ ମହା ପୁରୁଷଙ୍କୁ ମନେ ପକାଇଥିଲେ।

# ରାୟଗଡା ଠାରେ ମହାତ୍ମା ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ



ରାୟଗଡା,(ପି.ଏ): ରାୟଗଡା ଜିଲ୍ଲା ପ୍ରଶାସନର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ସୌଜନ୍ୟତାରେ ରାୟଗଡା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତି ପାଳିତ ହୋଇଯାଇଛି । ଏହି ଅବସରରେ ବିଭାଗ ପକ୍ଷରୁ ସହରରେ ପ୍ରାତଃ ରାମଧୂନ ପ୍ରଚାର ହୋଇଥିବା ବେଳେ ସକାଳ ସାଢେ ୬ଟା ସମୟରେ ସ୍ଥାନୀୟ ଗଜପତି ଛକ ଠାରେ ମାନବ ଶୃଙ୍ଖଳ ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତୀମାନଙ୍କୁ ନେଇ ସଂକୀର୍ତନର ତାଳେ ତାଳେ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଦିବାସୀ କଲ୍ୟାଣ ତଥା ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି , ଜିଲ୍ଲା ପରିଷଦ ଅଧକ୍ଷ ସରସ୍ୱତୀ ମାଝି, ପୌରାଧକ୍ଷ ପି.ମହେଶ ପଟ୍ଟନାୟକ, ରାୟଗଡା ବ୍ଲକ ଅଧକ୍ଷା ଟୁନି ହୁଇକା, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ପିଡି ୱାଟରସେଡ଼ ଡ଼ଃ ଦୟାନିଧି ବାଗ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର,ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସହରରେ ଥିବା ବିଭିନ୍ନ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବା ପରେ ଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରେ ସମବେତ ହୋଇଥିଲେ କ୍ଷ ସେଠାରେ ଅବସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତି ମାନଙ୍କରେ ମାଲ୍ୟାର୍ପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ,ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମାରିକକ୍ଷ,ଆଇନଜୀବୀ ବ୍ରଜସୁନ୍ଦର ନାୟକ,ୱାର୍କର୍ସ କ୍ଲବର ସଭାପତି ଓ ସଦସ୍ୟବୃନ୍ଦ,ଗୋପୀନାଥ ସାହୁ, ସତ୍ୟବାଦୀ ପତି, ଜଳନ୍ଧର ପୁଷ୍ଟିକା,ସୁରେନ୍ଦ୍ର ପ୍ରସାଦ ସାହୁ,ଜଗନ୍ନାଥ ପ୍ରସାଦ ରୟଗୁରୁ ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦାନ କରି ମାଲ୍ୟାର୍ପଣ କରିଥିଲେ ।ପରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ସେଠାରେ ମାନ୍ୟବର ମନ୍ତ୍ରୀ, ବିଧାୟକ ସମେତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି ଓ ଡ଼ଃ ବାଦଲ କୁମାର ତାହା ମହାତ୍ମା ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ସ୍ୱାଧୀନତା ସଂଗ୍ରାମୀ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ ଅହିଂସା ମାର୍ଗରେ ଗଲେ ସମାଜରେ ପରିବର୍ତନ ଆସେ ବୋଲି ଆଇନ ମନ୍ତ୍ରୀ ଶ୍ରୀ ସାରକା ପ୍ରକାଶ କରିଥିଲେ ।ଉଚ୍ଚ ବିଦ୍ୟାଳୟ ସ୍ଥରୀୟ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ପରେ ମନ୍ତ୍ରୀ ଶ୍ରୀ ସାରକା,ବିଧାକୟ ଶ୍ରୀ ମୁଦୁଲି ଓ ଅନ୍ୟ ଅତିଥି ମାନେ ରାୟଗଡା ମହିଳା ମହାବିଦ୍ୟାଳୟ ଠାରେ ଗାନ୍ଧୀଜୀଙ୍କ ଜୀବନ ଦର୍ଶନ ଶୀର୍ଷକ ବିଷୟ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମହିଳା ମହାବିଦ୍ୟାଳୟର ଗର୍ଭର୍ଣ୍ଣିଂ ବଡି ସଭାପତି ଡ଼ଃ.ଦୁଷ୍ମନ୍ତ କୁମାର ମହାନ୍ତି,ସାହିତ୍ୟ ଏକାଡେମୀ ସଦସ୍ୟ କବି ସୁଶାନ୍ତ କୁମାର ନାୟକ,ଡ଼ଃ ଅର୍ଚ୍ଚନା ପଟ୍ଟନାୟକ, ଶ୍ରୀନ୍ତି ସରସ୍ୱତୀ ରାୟ ଆଦି ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ କ୍ଷ ଏଥିରେ ବରିଷ୍ଠ ମଂଜୁଶ୍ରୀ ମୁର୍ଲ୍ଲାଜୀଙ୍କ ସମେତ, ଅଧାପକ ରଘୁନାଥ ଭୁଇ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ପରଲୋକ



ଚଣ୍ଡିଖୋଲ,(ପି.ଏନ): ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଭାକର ସାହୁଙ୍କ ୯୦ବର୍ଷ ବୟସରେ ରବିବାର ରାତ୍ର ଦୁଇ ଘଟିକା ସମୟରେ ତାଙ୍କ କ୍ଷେତ୍ରପାଳ ସ୍ଥିତ ବାସଭବନ ରେ ପରଲୋକ ଘଟିଯାଇଛି। ସେ ଜଣେ ଛାତ୍ର ବତ୍ସଳ ଓ ମେଳାପି ଶିକ୍ଷକ ଥିଲେ। ଅବସର ପରେ ଗ୍ରାମର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସୁଥିଲେ। ତାଙ୍କ ବିୟୋଗରେ ସମଗ୍ର ଚଣ୍ଡିଖୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିଶା ମୁକ୍ତ ଓଡିଶା ଗଠନ ନିମନ୍ତେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ

ଜଗତସିଂହପୁର ୩-୧୦ (ପି ଏନ )ନିଶାମୁକ୍ତ ଓଡିଶା ଗଠନ ନିମନ୍ତେ ଏକ ଅଭିନବ ପ୍ରୟାସ କରିଛି ଶ୍ରୀ ଜଗନ୍ନାଥ ଭାଗବତ ଚେତନା ମଞ୍ଚ।ଆଜି ଶ୍ରୀ ଜଗନ୍ନାଥ ଭାଗବତ ଚେତନା ମଞ୍ଚ ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ପଚାଶ ରୁ ଉର୍ଦ୍ଧ ମହିଳା ଓ ଯୁବକ ମାନେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରୁ ଥାଳିଆ କଂସା ଓ ଥାଳି ଧରି ଭିକ୍ଷା ମାଗିବା ସହିତ ନିଶାମୁକ୍ତ ନାରାବାଜି ଦେଇ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଧ ?ଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।ଏହି ଦାବିପତ୍ର ରେ ମୁଖ୍ୟତଃ ଧର୍ମ ହାନି,ପଥଭ୍ରଷ୍ଟ ଯୁବ ସମାଜ,ଅର୍ଥ ସଞ୍ଚୟରେ ବାଧକ,ଝିଅ ବୋହୁ ମାନେ ଅସୁରକ୍ଷିତ,ପରିବାରରେ ଅସାନ୍ତି, ବୃଦ୍ଧ ପିତାମାତାଙ୍କୁ ଅବହେଳିତ ,ରୋଗ ବୃଦ୍ଧି,ମୃତ୍ୟୁ ହାର ବୃଦ୍ଧି ଓ ଚୋରି ଡକାୟତି ରାହାଯାନୀ ପ୍ରଭୃତି ମୁଖ୍ୟତ ନିଶା କାରବାର ବୃଦ୍ଧି ପାଉ ଥିବାରୁ ଏହାକୁ ବନ୍ଦ କରିବାପାଇଁ ରାଜ୍ୟରୁ ନିଶା କାରବାରକୁ ବନ୍ଦ କରିବା ଅତ୍ୟନ୍ତ ଜରୁରୀ ନେଇ ଭିନ୍ନ ଧରଣର ପ୍ରତିବାଦ କରିଛି ଶ୍ରୀ ଜଂଗନ୍ନାଥ ଭାଗବତ ଚେତନା ମଞ୍ଚ।

# ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ– ୨୦୨୩



ରାୟଗଡ,(ପି.ଏନ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ୨୦୨୩ ରାୟଗଡ ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଅଛି । ଉକ୍ତ ଦିବସରେ ପୂର୍ବାହ୍ନ ୮ ଘଟିକା ସମୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଯୋଗାଭ୍ୟାସ କରାଯିବା ସହ ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସକାଳ ୯ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତ ସବୁଜ ପତାକା ଦେଖାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପଦଯାତ୍ରାର ଶୁଭାରମ୍ଭ କରିଥିଲେ, ଯାହା ଅଶୋକ କଲ୍ୟାଣ ମଣ୍ଡପ ଠାରୁ ଆରମ୍ଭ କରି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଛକ ପର୍ଯ୍ୟନ୍ତ ପହଞ୍ଚି ସେଠାରୁ ପୁଣି ଅଶୋକ ମଣ୍ଡପ ଠାରେ ଶେଷ ହୋଇଥିଲା। ଏହା ପରେ ୧୦ ଘଟିକା ସମୟରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ତଥା ଆଇନ ବିଭାଗ, ଓଡିଶା, ସରକାର, ଶ୍ରୀଯୁକ୍ତ ଜଗନ୍ନାଥ ସାରକା, ମାନ୍ୟବର ବିଧାୟକ, ରାୟଗଡ ନିର୍ବାଚନ ମଣ୍ଡଳୀ, ଶ୍ରୀଯୁକ୍ତ ମକରନ୍ଦ ମୁଦୁଲି, ମାନ୍ୟବର ଉପଦେଷ୍ଟା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଶ୍ରୀଯୁକ୍ତ ସୁଧୀର ଦାଶ,ଜିଲ୍ଲା ପରିଷଦ, ରାୟଗଡ, ସୁଶ୍ରୀ ସରସ୍ୱତୀ ମାଝୀ, ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ରାୟଗଡ, ଶ୍ରୀ ଭାସ୍କର ରଇତ,ସମ୍ମାନନୀୟ, ଅଧକ୍ଷ, ମ୍ୟୁନିସିପାଲିଟି, ରାୟଗଡ, ଶ୍ରୀ ପି. ମହେଶ ପଟ୍ଟନାୟକ,ସମ୍ମାନନୀୟ ଅତିରିକ୍ତ ଆରକ୍ଷୀ ଅଧକ୍ଷକ, ରାୟଗଡ, ଶ୍ରୀ ବିଜୟ କୁମାର ନନ୍ଦ, ସମ୍ମାନନୀୟା, ଉପ ଜିଲ୍ଲାପାଳ, ରାୟଗଡ, ଶ୍ରୀମତୀ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ସମ୍ମାନନୀୟା ଅଧକ୍ଷା, ସମ୍ମାନନୀୟା ଅଧକ୍ଷ୍ୟା, ପଞ୍ଚାୟତ ସମିତି, ରାୟଗଡ, ସୁଶ୍ରୀ ଟୁନି ହୁଇକା, ସମ୍ମାନନୀୟ ଉପାଧକ୍ଷ, ପଞ୍ଚାୟତ ସମିତି, ରାୟଗଡ, ଶ୍ରୀ ହରପ୍ରସାଦ ହେପୃକା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡ, ଶ୍ରୀ ବସନ୍ତ କୁମାର ପ୍ରଧାନ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ, ଶ୍ରୀ କାଳୁ ଚରଣ ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଶ୍ରୀ ଭି ଏଲ ଏନ ରାଜୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଗୁଣୁପୁର, ଶ୍ରୀ ଏଲ. ସନ୍ତୋଷ କୁମାର ସଭାରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନାର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଗଲା । ଏତଦବ୍ୟତିତ ୩୦୦ ଜଣଙ୍କୁ ମଧୁବାବୁ ଭତ୍ତା ସହ ୫ ଜଣ ବରିଷ୍ଠ ନାଗରିକଙ୍କୁ ଆଶାବାଡି ଓ ଜଣେ ବରିଷ୍ଠ ନାଗରିକଙ୍କୁ ଶ୍ରବଣ ଯନ୍ତ୍ର ଆଦି ବଣ୍ଟନ କରାଗଲା । ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନୃତ୍ୟ ଓ ନାଟକ ପରିବେଷଣ କରଯାଇ ବରିଷ୍ଠ ନାଗରିକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନକରଯାଇଥିଲା । ଏହି ଦିବସରେ ସମସ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସହ କନିଷ୍ଠ କିରାଣୀ ଓ ପି.ଏ ମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ପିସିସି ସଂପାଦକ ସତ୍ୟସ୍ମିତ ମହାନ୍ତିଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,(ପି.ଏନ): ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ତଥା ବିଶିଷ୍ଟ ଯୁବ ନେତା ଶ୍ରୀ ସତ୍ୟସ୍ମିତ ମହାନ୍ତିଙ୍କ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆଜି ସକାଳେ ଶ୍ରୀ ପଟ୍ଟନାୟକଙ୍କ ସ୍ୱର୍ଗତ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଯାଇ ତାଙ୍କର ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ସ୍ୱର୍ଗତ ମହାନ୍ତିଙ୍କ ଧର୍ମପତ୍ନୀ, ପିତାମାତା ଓ ଶୋକାକୁଳ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ମହାନ୍ତି କଂଗ୍ରେସ ଦଳର ଜଣେ ସୁସଂଗଠକ ଥିଲେ। ଦଳ ପକ୍ଷରୁ ତାଙ୍କୁ ଯେତେବେଳେ ଯେଉଁ ଦାୟୀତ୍ୱ ଦିଆଯାଇଛି ତାହାକୁ ସେ ନିଷ୍ଠାର ସହ ନିର୍ବାହ କରିଥାନ୍ତି। ସ୍ୱର୍ଗତ ମହାନ୍ତି ଜଣେ ସଚ୍ଚା କଂଗ୍ରେସୀ ଥିଲେ। ପୂର୍ବରୁ ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟ ସମ୍ପାଦକ, ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ ସଂପାଦକ ଭାବେ ସୂଚାରୁରୂପେ ତାଙ୍କର ଦାୟୀତ୍ୱ ନିର୍ବାହ କରିଥିଲେ। ସେ ମଧ ପିସିସି ସଭ୍ୟ ଥିଲେ। ତାଙ୍କର ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି। ଈଶ୍ୱର ସ୍ୱର୍ଗତ ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପ୍ରାର୍ଥନା କରିଛନ୍ତି। ଆଜି ପ୍ରଦେଶ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସ୍ୱର୍ଗତ ସତ୍ୟସ୍ମିତ ମହାନ୍ତିଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଏବଂ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରର୍ଥନା କରାଯାଇଥିଲା। ପି ସି ସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ତରୁଣ ମିଶ୍ର, ଯୋଗୀନାଥ ବାହୁ ବଳେନ୍ଦ୍ର,ନରୋତମ ନାୟକ, ଦେଓ ପ୍ରସାଦ, ଜୟକୃଷ୍ଣ ମଲ୍ଲିଆ, ପ୍ରଭାତ ପ୍ରତାପ ସିଂ, ମିହିର ଆଚାର୍ଯ୍ୟ, ସୁଧାଂଶୁ ମହାନ୍ତି, ଆଲୋକ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ବିନୋଦ ପାଣି, ସାଗର ପରିଡ଼ା, ରସିକ ପଟ୍ଟନାୟକ, ପ୍ରଶନ୍ନ ପାଇକରାୟ ପ୍ରମୁଖ ସ୍ୱର୍ଗତ ମହାଁଙ୍କ ମରଶରୀରରେ ଶ୍ରଦ୍ଧାଳି ଅର୍ପଣ କରିଥିଲେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ




## ବୃନ୍ଦାବାହଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆଣ୍ଠୁଏ କାଦୁଅ ପାଣି : ନାହିଁନଥିବା ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ



ଗୋଲାମୁଣ୍ଡା (ପି.ଏନ୍) : ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହଲ ଉଚ୍ଚ ବିଦ୍ୟାଳୟ ଗେଟ ପରିସରରେ ଆଣ୍ଠୁଏ କାଦୁଅ ପାଣି ଜମା ହୋଉଥିବା ବେଳେ ଛାତ୍ରଛାତ୍ରୀ ଯିବା ଆସିବାରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି । ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀ । ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ଉଚିତ ସୁବିଧା ନ ଥିବାରୁ ଚଳିତ ବର୍ଷର ପ୍ରତ୍ୟେକ ଲଘୁଚାପ ବର୍ଷାରେ ଗେଟ ସମ୍ମୁଖରେ ପାଣି ଜମା ହେଉଛି । ସୂଚନାଯୋଗ୍ୟ ଯେ ୫ଟି ଅଧୀନରେ ଏହି ବିଦ୍ୟାଳୟର ରୂପାନ୍ତିକରଣ କାର୍ଯ୍ୟ ହୋଇଥିବା ବେଳେ ସାମାନ୍ୟ ପାଣି ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା ନହୋଇଥିବାରୁ ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ସାଜିଥିବାରୁ ବୁଦ୍ଧିଜୀବୀ ମହଲରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ଛାତ୍ରଛାତ୍ରୀ ମାନେ ବାଧ ହୋଇ ସାଇକେଲରୁ ଓହ୍ଲାଇ କାଦୁଅ ପାଣିରେ ଚାଲି ଚାଲି ଯିବା ଆସିବା କରୁଛନ୍ତି । ଅନେକ କାଦୁଅ ପାଣିରୁ ବର୍ତ୍ତିବା ପାଇଁ ଫୁଲଗଛର ସୁରକ୍ଷା ପାଇଁ ଦିଆଯାଇଥିବା ଅଳ୍ପ ଉଚ୍ଚ ସିମେଣ୍ଟ ବାଡ଼ ଉପରେ ଚଢ଼ି ଯାତାୟାତ କରୁଥିବାର ମଧ ଦେଖିବାକୁ ମିଳୁଛି । ବିଦ୍ୟାଳୟର ଏହି ସମସ୍ୟା ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଯୋଗାଯୋଗ କରିବା ପରେ ନିଜ ମତାମତ ରେ କହିଛନ୍ତି ଯେ, ଏବିଷୟରେ ଆମେ ସ୍ଥାନୀୟ ସରପଞ୍ଚ ଓ ବିଡ଼ିଓ ଙ୍କୁ ଜଣାଇଛୁ ସେମାନେ ଅଳ୍ପ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ ଦେଇଛନ୍ତି । କିନ୍ତୁ ଆମ ପ୍ରତିନିଧି ବିଦ୍ୟାଳୟର ସମସ୍ୟା ବିଷୟରେ ଗୋଲାମୁଣ୍ଡା ବିଡ଼ିଓଙ୍କୁ ଯୋଗାଯୋଗ କଲାପରେ ସେ କହିଛନ୍ତି ଯେ ମୁଁ ଏହି ସମସ୍ୟା ବିଷୟରେ ଜମାରୁ ଅବଗତ ନୁହେଁ କେହି ମୋତେ ଜଣାଇନାହାନ୍ତି ଆପଣ କହିଲା ପରେ ମୁଁ ଜାଣୁଛି । ବିଭାଗୀୟ ଯନ୍ତ୍ରୀଙ୍କୁ ସମସ୍ୟା ସ୍ଥଳୀକୁ କ୍ଷେତ୍ର ପରିଦର୍ଶନରେ ପଠାଇବି ଓ ସମସ୍ୟାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବି । ଏପରି ଭାବେ ପ୍ରଧାନ ଶିକ୍ଷୟିତ୍ରୀ କିଛି ଅଲଗା କହୁଥିବା ବେଳେ ବିଡ଼ିଓ କିଛି ଅଲଗା କହୁଥିବାର ଶୁଣିବାକୁ ମିଳୁଛି । ତେବେ ବର୍ଷା ଦିନ ଆରମ୍ଭ ରୁ ଏ ସମସ୍ୟା ଦେଖା ଯାଇଥିବା ବେଳେ ଏଯାବତ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନେଇ ନଥିବାରୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିବା ସହ ସମସ୍ୟାର ଶିଘ୍ର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

## ବୁଲଢାଣା ରାଜପଥ କଡ଼ରେ ଶୋଇଥିବା ୧୦ ଶ୍ରମିକଙ୍କ ଟ୍ରକ୍ ମାଡିଗଲା, ୪ ମୃତ

ମୁମ୍ବାଇ, (ପି.ଏନ): ବୁଲଢାଣା ଜିଲ୍ଲାର ୬ ନଂ ଜାତୀୟ ରାଜପଥର ବଡନେର ଗ୍ରାମ ନିକଟରେ ନିର୍ମିତ ସେଡ୍ ରେ ଶୋଇଥିବା ୧୦ ଜଣ ଶ୍ରମିକଙ୍କ ଉପରେ ଦୃତ ଗତିରେ ଆସୁଥିବା ଏକ ଟ୍ରକ୍ ମାଡି ଯାଇଛି । ଫଳରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଆହତ ୬ ଜଣଙ୍କୁ ମଲକାପୁର ସରକାରୀ ଡାକ୍ତରଖାନାରେ ଭର୍ତି କରାଯାଇଛି ।ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ରାସ୍ତା କାମ କରିବା ପାଇଁ ଏହି ଶ୍ରମିକ ମାନେ ଗତ ସପ୍ତାହରେ ମଧ୍ୟପ୍ରଦେଶର ବୁଲଢାଣା ସ୍ଥିତ ବଡନେରକୁ ଆସିଥିଲେ । ରବିବାର କାମ ସରିବା ପରେ ରାତିରେ ରାଜପଥ କଡ଼ରେ ଥିବା ସେଡ୍ ରେ ଏମାନେ ଶୋଇଥିଲେ । ସୋମବାର ସକାଳ ପ୍ରାୟ ୬ଟା ସମୟରେ ଦୃତ ଗତିରେ ଆସୁଥିବା ଏହି ଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା ।

## ଶ୍ରୀମନ୍ଦିର ୪ଦ୍ୱାର ଖୋଲିବାକୁ ସରକାରଙ୍କୁ ୩ମାସ ସମୟ ଦେଲେ ଆଇନଜୀବୀ କମିଟି



ପୁରୀ, (ପି.ଏନ):ଶ୍ରୀଜଗନ୍ନାଥ ମନ୍ଦିର ଚାରି ଦ୍ୱାର ଖୋଲିବାକୁ ଘୁଚାଂଇ ଦିଆଯାଇଥିବା ଓଡିଶା ବନ୍ଦ ପରିପ୍ରେକ୍ଷୀରେ ମଙ୍ଗଳବାର ଅକ୍ଟୋବର ୩ତାରିଖରେ ଆଇନଜୀବୀ କମିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ କରାଯାଇଛି। ସରକାରକୁ ୨ମାସ କାର୍ଯ୍ୟ ସମାପନ ପାଇଁ ଓ ୧ମାସ ଭକ୍ତମାନଙ୍କ ପାଇଁ ଭିତିଭୂମି ତିଆରି କରିବା ଯଥା ଟେଂଟ ବାନ୍ଧିବା,ପାଣି ଯୋଗାଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଡେଡ ଲାଇନ ଦିଆଯାଇଛି। ଅର୍ଥାତ ଅକ୍ଟୋବର ୩ତାରିଖରୁ ଜାନୁୟାରୀ ୩ତାରିଖ ମଧ୍ୟରେ ଶ୍ରୀମନ୍ଦିର ୪ଦ୍ୱାର ନ ଖୋଲିଲେ। ପୁନର୍ବାର ଘୁଚାଂଇ ଦିଆଯାଇଥିବା ବନ୍ଦ ଡାକରାକୁ ଆଉ ଥରେ ଶାନ୍ତିପୂର୍ଣ୍ଣଭାବେ ସାରା ରାଜ୍ୟରେ ଆରମ୍ଭ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ରତ୍ନଭଣ୍ଡାର ମାମଲାରେ ଏକ କମିଟି କରାଯାଇ ୬୦ଦିନ ମଧ୍ୟରେ ଶ୍ରୀମନ୍ଦିର ୪ଦ୍ୱାର ଖୋଲିବାକୁ ମାନ୍ୟବର ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରି ଜାନୁୟାର ୩ତାରିଖ ସୁଦ୍ଧା ନିଷ୍ପତି ନେବା ପାଇଁ କୁହାଯାଇଛି। ଅନ୍ୟ ପକ୍ଷରେ ଯୁଦ୍ଧକାଳୀନ ଭିତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ କରିବାକୁ ଆଇନଜୀବୀ କମିଟି ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ସୂଚନା ନ ମିଳିବାରୁ ଆମରଣ ଅନଶନ

ନିମାପଡା,(ପି.ଏନ): ନିମାପଡା ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିରହିଛନ୍ତି ଓଡିଶା ନିର୍ମାଣ ନିଗମର ପୂର୍ବତନ କର୍ମଚାରୀ ତଥା ସାଧାରଣ ପରିଚାଳକ ଶ୍ୟାମସୁନ୍ଦର ନାୟକ ।ନିମାପଡା ଅଂଚଳରେ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କାର କାର୍ଯ୍ୟ ହେଉଥିବା ବେଳେ ଅନେକ ଗୁଡିଏ କାର୍ଯ୍ୟ ଏଷ୍ଟିମେଟ ଦ୍ୱାରା ହେଉନଥିବା ସନ୍ଦେହରେ ଶ୍ୟାମସୁନ୍ଦର ନାୟକ କିଛି କାର୍ଯ୍ୟର ବିବରଣୀ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ ।ହେଲେ ବିବରଣୀ ମାଗିବାର ଗୋଟେ ମାସ ବିତି ଯାଇଥିଲେ ମଧ ତାଙ୍କୁ ଆଜି ପର୍ଯ୍ୟନ୍ତ ମାଗିଥିବା ବିବରଣୀ ମିଳିପାରିଲା ନାହିଁ ।ସେ ଅନେକ ଥର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ସେ ବାବଦରେ ପଚ଼ରା ଉଚ଼ରା କରିଥିଲେ ମଧ ତାଙ୍କୁ ସନ୍ତୋଷ ଜନକ ଉତ୍ତର ମିଳିନଥିଲା ।ଶେଷରେ ସେ ମାଗିଥିବା ବିବରଣୀ ୧୫୭୩୨ ପୃଷ୍ଠାର ରହିଥିବା ବେଳେ ତାଙ୍କୁ ୪୮,୬୯୬ଟଙ୍କା ଜମା କରିବାକୁ କୁହାଯାଇଥିଲା ।ହେଲେ ସେ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ତଥ୍ୟ ନଦେବା ପାଇଁ ଜନ ସୂଚନା ଅଧିକାରୀ ଏହି ଭଳି ମୋଟା ଅଙ୍କର ଅର୍ଥ ଦାବି କରିଛନ୍ତି ।ଏହା ଦ୍ୱାରା ତାଙ୍କ ମାନବ ଅଧିକାର କ୍ଷୁର୍ଣ୍ଣ କରାଯାଉଚ଼ି ।ଅପର ପକ୍ଷରେ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳାଇ କହିଛନ୍ତି ଯେ ସେ ମାଗିଥିବା ବିବରଣୀ ଜନ ସୂଚନା ଅଧିକାରୀ ପ୍ରସ୍ତୁତ କରି ରଖିଛନ୍ତି ।ସରକାରୀ ନିୟମାନୁଯାଇ ସେ ମାଗିଥିବା ବିବରଣୀର ସଠିକ ମୂଲ୍ୟ ଦେଇ ନେଇଯାଇପାରିବେ।

## ଜେଏସଏଲର ସ୍ୱଚ୍ଛତା ପାଇଁ ଶ୍ରମଦାନ

ଦାନଗଦି,(ପି.ଏନ୍) :ସ୍ଵଚ୍ଛତା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଵଚ୍ଛତା ପ୍ରତି ଉତ୍ସର୍ଗୀକୃତ ଭାବନାର ଏକ ପ୍ରଶଂସନୀୟ ପ୍ରଦର୍ଶନରେ, ଅଗ୍ରଣୀ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ର କର୍ମଚାରୀମାନେ ନିକଟରେ ଏକ ସ୍ୱଚ୍ଛାଞ୍ଜଳି କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ଜୀବନର ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବାପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନର ପ୍ରତ୍ୟକ୍ଷ ପ୍ରତିକ୍ରିୟାରେ ଏହି ପଦକ୍ଷେପ ନେଇ ଜିନ୍ଦଲ ଷ୍ଟେନଲେସ୍ ପ୍ଲାଣ୍ଟର ସମସ୍ତ ବିଭାଗର କର୍ମଚାରୀ କାରଖାନା ପରିସର ସଫେଇ କାର୍ଯ୍ୟକ୍ରମ କରିବା ଛଡା ପ୍ରାୟ ୩୦ ଜଣ କର୍ମଚାରୀଙ୍କର ଏକ ଦଳ ନିକଟସ୍ଥ ଦାନଗଦି ହାଟ ପଡିଆରେ ବିକ୍ଷିପ୍ତ ହୋଇ ପଡିରହିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏହି ଶ୍ରମଦାନ କାର୍ଯ୍ୟକ୍ରମ କର୍ପୋରେଟ୍ ସାମାଜିକ ଦାୟୀତ୍ୱ ଏବଂ ଏକ ହରିତ ଭବିଷ୍ୟତ ପାଇଁ ଜିନ୍ଦଲ ଷ୍ଟେନଲେସ୍ ର ପ୍ରତିବଦ୍ଧତାର ଶ୍ରଦ୍ଧା କାର୍ଯ୍ୟକ୍ରମ । ଏହି ପରି ପଦକ୍ଷେପ ଗୁଡିକରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରି, ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଅନ୍ୟମାନଙ୍କୁ ସମାନ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦେବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।

## ନିର୍ବାଚନ ପାଖେଇ ଆସୁଥିବା ବେଳେ ନିମାପଡା ବିଜେପି ର ନେତୃତ୍ୱ ଚୟନରେ ଅନିଶ୍ଚିତତା

ନିମାପଡ଼ା,(ପି.ଏନ): ସାଧାରଣ ନିର୍ବାଚନ ଆଉ ଅଳ୍ପଦିନ ଥିବାବେଳେ ସବୁଦଳରେ ସବୁଯାଗାରେ ଦଳର ନେତା ଚୟନ ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନିମାପଡ଼ା ବିଜେପିର କିଏ ପ୍ରକୃତ ମୁଖିଆ, କିଏ ଟିକେଟ ପାଇ ଲଢ଼ିବେ ତାହା ଏବେବି ରହସ୍ୟମୟ ହୋଇ ରହିଛି । ଏକାଧିକ ନେତୃତ୍ୱ ନିଜ ନିଜର କର୍ମୀ ମାନଙ୍କୁ କେବଳ ଆଶ୍ୱାସନା ଦେଇ ଚାଲିଛନ୍ତି ଟିକେଟ ଆମେ ହିଁ ପାଇବା । ବିଚରା କର୍ମୀଟି ଦ୍ୱନ୍ଦ୍ୱରେ ରହୁଛି ଆମର ପ୍ରକୃତ ନେତା କିଏ? ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି, ଭ୍ରଷ୍ଟାଚାର ଶାସନର ଅନ୍ତ ହେବ ଏବଂ ବିଜେପି ନିଶ୍ଚିତ କ୍ଷମତାକୁ ଆସିବ ବୋଲି ଦୃଢୋକ୍ତି ପ୍ରକାଶ କରୁଥିବା ବିଜେପି ଯୁବନେତା ଦିଲ୍ଲୀପ ନାୟକ ନିଜେ ଜାଣି ନାହାନ୍ତି ତାଙ୍କୁ ଟିକେଟ ମିଳିବ କି ନାହିଁ । ଯେତେ ସବୁ ସଭାସମିତି, ଆନ୍ଦୋଳନ, ରାସ୍ତାରୋକ, ମିଶ୍ରଣ ପର୍ବ ସବୁଥିରେ ଦେଖାଯାଉଛି ଦିଲ୍ଲୀପଙ୍କୁ ଆଗରେ। ସମସ୍ତ ଖର୍ଚ୍ଚ,ଚାନ୍ଦା,ଦାନ,ଧର୍ମ ନିଜେ ବହନ କରୁଛନ୍ତି। ଅଥଚ ନିର୍ବାଚନ ଟିକେଟ ବିଷୟ ପଚାରିଲେ ସବୁବେଳେ ଗୋଟିଏ ଉତ୍ତର ମିଳୁଛି ଅପେକ୍ଷା କର, ସମୟ ଆସିଲେ ସମସ୍ତେ ଜାଣିବେ। ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ସମ୍ପୂର୍ଣ୍ଣ ଅନୁପ୍ରାଣିତ ଦିଲ୍ଲୀପ ନିଜେ ନିଶ୍ଚିତ ହୋଇ ପାରୁନାହାନ୍ତି ଟିକେଟ ତାଙ୍କୁ ମିଳିବ କି ନାହିଁ । ଅନ୍ୟପଟେ ବିଜେପିର ବିଜୟ ରଥକୁ ଏଥର କୌଣସି ଶକ୍ତି ଅଟକାଇ ପାରିବନି, ବିଜେପି ନିମାପଡ଼ା ଆସନ ନିଶ୍ଚୟ ନିଜ ହାତକୁ ନେବ ବୋଲି ଦମ୍ଭର ସହ କହୁଥିବା ବିଜେପି ନେତ୍ରୀ ପ୍ରଭାତୀ ପରିଡା ମଧ ନିଶ୍ଚିତ ନୁହନ୍ତି ଦଳୀୟ ଟିକେଟ ପାଇବେ କି ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ଦଳରେ ଏବେ ପ୍ରଭାତୀଙ୍କୁ ଅଣଦେଖା କରାଯାଉଛି ଏବଂ କ୍ଷମତାଶୂନ୍ୟ କରାଯାଉଥିବାର ଦେଖିବାକୁ ମିଳୁଛି। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ, ବିଜେପି ରାଜ୍ୟ ଉପସଭାପତି ପଦ କାଢି ନିଆଗଲା ପରେ ଦଳରେ ସେ ଏବେ ସାଧାରଣ କର୍ମୀ ସଦୃଶ ପାଲଟିଛନ୍ତି। ତଥାପି କିଛି ଅନୁଗାମୀ କହୁଛନ୍ତି ପ୍ରଭାତୀ ନିଶ୍ଚୟ ଟିକେଟ ପାଇବେ ଆଉ ଏଥର ନିମାପଡ଼ା ଆସନରେ ବସିବେ। ସେହିଭଳି ନିର୍ବାଚନମଣ୍ଡଳୀରେ ଉଭୟ ଏନଏସି ଏବଂ ବ୍ଲକସ୍ତରରେ ସମସ୍ତ ଦଳୀୟ କାର୍ଯ୍ୟକ୍ରମ,ସଭା ସମିତି, ଆନ୍ଦୋଳନ ଆଦିରେ ଆଗଧାଡିରେ ରହୁଥିବା ଚର୍ଚ୍ଚିତ ଚେହେରା ଦେବାଶିଷ ଆଚାର୍ଯ୍ୟ । ନିମାପଡ଼ା ବ୍ଲକ ବିଜେଡ଼ି ଗଡ଼ରେ ବିଜେଡ଼ି ପ୍ରାର୍ଥୀଙ୍କୁ ପରାଜିତ କରି ବିଜେପିରୁ ସରପଞ୍ଚ ହୋଇ ଶାଇଁଷଶାସନ ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ। ପଞ୍ଚାୟତବାସୀଙ୍କ ସେବା କରି ଲୋକପ୍ରିୟତା ପାଇବା ପରେ ଏବେ ସମଗ୍ର ନିର୍ବାଚନମଣ୍ଡଳୀରେ ସେବା କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ବୋଲି କର୍ମୀମହଲରୁ ଶୁଣିବାକୁ ମିଳୁଛି। ସେ ନିଜ ପଞ୍ଚାୟତରୁ ଆରମ୍ଭ କରି ସମସ୍ତ ପଞ୍ଚାୟତରେ ଗୁପ୍ତ ବୈଠକ ଡକାଇ ସଂଗଠନ ସୁଦୃଢ଼ କରିବାରେ ଲାଗିଛନ୍ତି ବୋଲି ଜଣାପଡିଛି ।ଦେବାଶିଷଙ୍କୁ ଟିକେଟ ପାଇବା ବିଷୟରେ ପଚାରିଲେ ଉତ୍ତରରେ ଦେବାଶିଷ ଟିକେ ମୁରୁକି ହସ ଦେଖାଇ ମୌନ ରହୁଛନ୍ତି। ସେହି ମୁରୁକି ହସର ରହସ୍ୟ କେବଳ ତାଙ୍କ ନିକଟତର କର୍ମୀଙ୍କ ବ୍ୟତୀତ ଆଉକେହି ବୁଝି ପାରୁନାହାନ୍ତି । ସେ ଯାହା ବି ହେଉ ଏକଥା ନିଶ୍ଚିତ ଯେ, ନିମାପଡ଼ା ବିଜେପି ଏବେ ମୁରବିଶୂନ୍ୟ । ତିନି ତିନି ଜଣ ନେତୃତ୍ୱ କିନ୍ତୁ ମୁଖିଆ କେହି ନୁହଁନ୍ତି। ବେଳ ଥାଉଁ ଥାଉଁ ଯଦି ଘର ସଜଡା ନଯାଏ ତେବେ ବାର ଭାଇ ଆଖଡ଼ା ପାଲଟିଥିବା ନିମାପଡ଼ା ବିଜେପିର ଭବିଷ୍ୟତ ଯେ କଣ ହେବ ତାହା କେବଳ ସମୟ ହିଁ କହିବ ।

## କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି



କୁକୁଡ଼ାଖଣ୍ଡି, ଇପିଲି ପୂର୍ଣ୍ଣଚନ୍ଦ୍ର, (ପି.ଏନ):କଲେଜ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିବାଦ ସୃଷ୍ଟି କରୁଛନ୍ତି ରାଜ୍ୟ ସରକାର । ରାଜ୍ୟ ସରକାର କଲେଜ ଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ହେଲେ ଛାତ୍ର ମାନଙ୍କ ପାଇଁ କ'ଣ ପାଇଁ କରୁନାହାନ୍ତି କୌଣସି ଯୋଜନା। କ'ଣ ରାଜ୍ୟ ସରକାର ଛାତ୍ରୀ ମାନେ କ'ଣ ଗରିବ ଶ୍ରେଣୀର ବିଭାଗ କି ଆଉ କ'ଣ ଛାତ୍ର ମାନେ ଗରିବ ଶ୍ରେଣୀର ନୁହନ୍ତି କି । ଯଦି ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କୁ ସମାନ ଦୃଷ୍ଟିରେ ଦେଖୁ ଥାଆନ୍ତେ ତେବେ ଆଜି ଗୋଟିଏ ଛାତ୍ର ତାହାର ଆର୍ଥିକ ଅସୁବିଧା ପାଇଁ ଅଧାରୁ ପାଠ ଛାଡି ଆଜି ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟନ୍ତା ନାହିଁ । ରାଜ୍ୟ ସରକାର ଙ୍କୁ ଅନୁରୋଧ ଯେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହିତ । ସମାନ ଭାବରେ ଯୋଜନା ଗୁଡିକ କାର୍ଯ୍ୟକାରୀ କରନ୍ତୁ । ଯାହା ଦ୍ୱାରା କି ଗୋଟିଏ ଗରିବ ଶ୍ରେଣୀର ଛାତ୍ର ଶିକ୍ଷାଲାଭ ପାଇଁ ଆର୍ଥିକ ଅବସ୍ଥା ରୁ ବଞ୍ଚିତ ହେବ ନାହିଁ ଯାହା ଦ୍ୱାରା କି ସେ ଛାତ୍ର ପାଠପଢ଼ା କରିପାରିବ ଓ ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯିବ ନାହିଁ।

## ପୁରୀ ଜଳସମ୍ପଦ ଡିଭିଜନରେ ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

ପୁରୀ, (ପି.ଏନ):ପୁରୀ ଜଳସମ୍ପଦ ଡିଭିଜନ ଅଧିନରେ ଥିବା ୪ଗୋଟି ସବ-ଡିଭିଜନ ଏବଂ ତା ଅଧିନରେ ଥିବା ବିଭିନ୍ନ ସେକ୍ସନରେ କୋଟି କୋଟି ଟଙ୍କାର ପ୍ରକଳ୍ପ ନାମରେ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ ହୋଇଛି। ଉକ୍ତ ଏକାଧିକ ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଛି। କିନ୍ତୁ ଜଳସମ୍ପଦ ଡିଭିଜନ ପକ୍ଷରୁ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ନ ଦେଇ ଏହାକୁ ଚାପିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଜଳ ସମ୍ପଦ ଡିଭିଜନରେ ତଥ୍ୟ ନ ଦେବା ପାଇଁ କିଛି ଦୁର୍ନୀତି ସମ୍ପର୍ଣ୍ଣ ଯନ୍ତ୍ରୀ ଧରା ପଡିଯିବା ଭୟରେ ରୀତିମତ ଚାପ ପକାଉଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସୂଚନା ମୁତାବକ,ପୁରୀ ଜଳସମ୍ପଦ ଡିଭିଜନ ଅଧିନରେ ଥିବା ୪ଗୋଟି ସବ-ଡିଭିଜନ ଏବଂ ତା ଅଧିନରେ ଥିବା ବିଭିନ୍ନ ସେକ୍ସନରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଦୁର୍ନୀତି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜଣେ ଯନ୍ତ୍ରୀ ଗୋଟିଏ ଡିଭିଜନରେ ୩ବର୍ଷ ଏବଂ ଗୋଟିଏ ଜିଲ୍ଲାରେ ସର୍ବାଧିକ ୬ବର୍ଷ ରହିବାର ସରକାରୀ ନିୟମ ରହିଛି। କିନ୍ତୁ ପୁରୀ ଜଳ ସମ୍ପଦ ଡିଭିଜନ ଅଧିନରେ କାର୍ଯ୍ୟରତ କିଛି ଯନ୍ତ୍ରୀ କିଛି ଅଦୃଶ୍ୟ ଶକ୍ତିର ପ୍ରଭାବରେ ଉକ୍ତ ନିୟମକୁ ଫୁ କରି ଉଡାଇ ଦେଇଛନ୍ତି। ପୁରୀ ଜଳ ସମ୍ପଦ ଡିଭିଜନରେ ରାଜ୍ୟ ସରକାରଙ୍କ ୫ଟି ନୀତି ନିୟମକୁ କେବଳ କାଗଜପତ୍ରରେ ଲୋକ ଦେଖାଣିଆ ଭାବେ ସୀମିତ ରଖାଯାଇଛି ବୋଲି ଅଭିଯୋଗ ହୋଇଛି। ଯାହା ଫଳରେ କିଛି ଯନ୍ତ୍ରୀ ବଦଳି ନିୟମର ଖୋଲା ଉଲଂଘନ କରି ୮ବର୍ଷରୁ ନେଇ ୨୬ବର୍ଷ ପର୍ଯ୍ୟନ୍ତ ଗୋଟିଏ ଡିଭିଜନ ଅଧିନରେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ବର୍ଷ ଧରି ସରକାରୀ ବଦଳି ନିୟମ ପୁରୀ ଡିଭିଜନରେ ଲାଗୁ ନ କରିବା ଯୋଗୁଁ ପରୋକ୍ଷରେ କିଛି ଯନ୍ତ୍ରୀ ଦୁର୍ନୀତିଗ୍ରସ୍ତ ହୋଇ କୋଟି କୋଟି ଟଙ୍କାର ସମ୍ପତି ଠୁଳ କରିଥିବାର ସୂଚନା ମିଳିଛି। ଉକ୍ତ ଦୁର୍ନୀତିକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ପରୋକ୍ଷରେ ଅଦୃଶ୍ୟ ଶକ୍ତି ବଳରେ ବଳିୟାନ ହୋଇ ଧରା ପଡିଯିବା ଭୟରେ ତଥ୍ୟ ଚାପିବାକୁ ଚେଷ୍ଟା କରୁଛନ୍ତି ବୋଲି ଜଣା ପଡିଛି। ଏଥିପାଇଁ ଉକ୍ତ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନେ ବେଳେ ବେଳେ ରାଜନୈତିକ ବ୍ୟକ୍ତିଙ୍କ ସାହାରା ନେବାକୁ ପଛାଉ ନାହାନ୍ତି। ଏ ନେଇ ପୁରୀ ଜଳ ସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ର ଅମିତ କୁମାର ସେଠଙ୍କ ନିକଟରେ ସୂଚନା ଅଧିକାର ଆଇନରେ ତଥ୍ୟ ଦେବା ସହ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ଜଣାଇଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray